


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୯ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 09 JULY 2021
Vol.No. 32 ■ No. 173 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେନ୍ଦ୍ର କ୍ୟାବିନେଟର ବଡ ଘୋଷଣା

# ମଣ୍ଡି ଜରିଆରେ କୃଷକମାନଙ୍କ ପାଖରେ ପହଂଚିବ ୧ ଲକ୍ଷ କୋଟି ଟଙ୍କା

### ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୨୩ ହଜାର କୋଟିର ପ୍ୟାକେଜ୍



ନୂଆଦିଲ୍ଲୀ,୦୮/୦୭: ପ୍ରଧାନମନ୍ତ୍ରୀ ମନ୍ତ୍ରୀମଣ୍ଡଳ ବିସ୍ତାର ପରେ ଆଜି ଆଜି ପ୍ରଧାନମନ୍ତ୍ରୀ ସମସ୍ତ ମନ୍ତ୍ରୀ ମାନଙ୍କ ଡକାଇ ଗୁରୁମନ୍ତ୍ର ଦେଇଛନ୍ତି । ସନ୍ଧ୍ୟା ୫ ଟାରେ ଆରମ୍ଭ ହୋଇଥିବା ବୈଠକ ଶେଷ ହୋଇଛି । ବୈଠକ ଶେଷ ପରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି କି ଦେଶରେ କୃଷକ ମାନଙ୍କୁ ମଜବୁତ କରିବାକୁ ହେଲେ ପ୍ରଥମେ ମଣ୍ଡିଗୁଡିକୁ ମଜବୁତ କରିବାର ଆବଶ୍ୟକତା ରହିଛି । ଏହା ସହ ସେ କହିଛନ୍ତି କି କେନ୍ଦ୍ର ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ସରକାର ମଣ୍ଡି ମାଧ୍ୟମରେ କୃଷକଙ୍କ ନିକଟରେ ୧ ଲକ୍ଷ କୋଟି ଟଙ୍କା ପହଂଚାଇବାକୁ ଲକ୍ଷ୍ୟ ରଖିଛନ୍ତି । ଅନ୍ୟପଟେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର କହିଛନ୍ତି କି, ଏପିଏମସି ମଣ୍ଡିଗୁଡିକୁ ସରକାର ମଜବୁତ କରୁଛନ୍ତି । କୃଷି ମଣ୍ଡିର ବିକାଶ ପାଇଁ ସରକାର ପର୍ଯ୍ୟାପ୍ତ ପରିମାଣର ଅର୍ଥ ବିନିଯୋଗ କରୁଛନ୍ତି । ଏହାସହ ନୂଆ କୃଷି ଆଇନ ବଳରେ ସରକାର ମଣ୍ଡି ବ୍ୟବସ୍ଥାକୁ ଉଠାଇ ଦେବେ ବୋଲି କିଛି କୃଷକ ସଂଗଠନ କରୁଥିବା ପ୍ରଚାରକୁ ଖଣ୍ଡନ କରିଛନ୍ତି କୃଷିମନ୍ତ୍ରୀ । ସେ କହିଛନ୍ତି କି କୌଣସି ପରିସ୍ଥିତିରେ ମଣ୍ଡି ବ୍ୟବସ୍ଥାକୁ ବନ୍ଦ କରାଯିବ ନାହିଁ । ଅନ୍ୟପଟେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମଣ୍ଡାବିୟା କରୋନା ବିରୋଧ ଲଢେଇରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ପ୍ୟାକେଜ୍ ଘୋଷଣା କରିଛନ୍ତି । ସେ କହିଛନ୍ତି କି କରୋନା ସଂକ୍ରମଣ ଆରମ୍ଭରୁ କେନ୍ଦ୍ର ସରକାର ୧୫ ହଜାର କୋଟିର ପ୍ୟାକେଜ ଦେଇଥିଲେ । ଯେଉଁ ଅର୍ଥ କୋଭିଡ୍ ହେଲଥ୍ ସେଣ୍ଟର ଓ କୋଭିଡ କେୟାର ସେଣ୍ଟରରେ ବିନିଯୋଗ କରାଯାଉଛି । ଏହାସହ କରୋନାର ଦ୍ୱିତୀୟ ଲହର ବେଳେ ସ୍ୱାସ୍ଥ୍ୟ ଭିତ୍ତିଭୂମୀର ବିକାଶ ପାଇଁ କେନ୍ଦ୍ର ସରକାର ୨୩ ହଜାର କୋଟି ଟଙ୍କାର ପ୍ୟାକେଜ୍ ଦେଇଥିବା ମନସୁଖ୍ ସୂଚନା ଦେଇଛନ୍ତି ।

## ରଥଯାତ୍ରା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ଭୁବନେଶ୍ୱର,୦୮/୦୭(ନି.ପ୍ର): ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାର ସୁପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରଥଯାତ୍ରା ପ୍ରସ୍ତୁତି ବୈଠକରୁ ଏହା ଜଣାଯାଇଛି । ଗତବର୍ଷ ସମସ୍ତଙ୍କ ସହଯୋଗରେ ରଥଯାତ୍ରା ସୁରୁଖୁରୁରେ ଅନୁଷ୍ଠିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ଏବର୍ଷ ମଧ୍ୟ ଯେପରି ରଥଯାତ୍ରା ସୁଚାରୁ ରୂପେ ପାଳିତ ହେବ ଏବଂ ଭକ୍ତ ମାନେ ଘରେ ରହି ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ପୁରୀ ସହରବାସୀ, ସେବାୟତ ମାନଙ୍କର ସହଯୋଗ କାମନା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ପରି ଏ ବର୍ଷ ମଧ୍ୟ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଏକ ଅସାଧାରଣ ପରିସ୍ଥିତିରେ ହେବାକୁ ଯାଉଛି । ସାରା ବିଶ୍ୱ ଟେଲିଭିଜନ ଓ ସୋସିଆଲ ମିଡିଆ ମାଧ୍ୟମରେ ହିଁ କାଳିଆ ଠାକୁରଙ୍କୁ ଦର୍ଶନ କରିବେ । ତେଣୁ ମହାପ୍ରଭୁଙ୍କ ନୀତି ଠିକ ସମୟରେ ଶେଷ ହେବା ଦରକାର । ତା ସହିତ କୋଭିଡ ନିୟମକୁ ମଧ୍ୟ ଯାତ୍ରା ସମୟରେ ଠିକ ଭାବରେ ପାଳନ କରାଯିବା ଜରୁରୀ । କୋଭିଡ୍ ମହାମାରୀ ସମ୍ପର୍କରେ ସଚେତନ କରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋଭିଡର ଦ୍ୱିତୀୟ ଲହର କମି ଆସୁଥିଲେ ମଧ୍ୟ ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ଚଳିତ ବର୍ଷ ରଥଯାତ୍ରା ଯେପରି ସୁରୁଖୁରୁରେ ଶେଷ ହେବ ସେଥିପାଇଁ ▶▶ପୃଷ୍ଠା ୭

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ କାମ ଆରମ୍ଭ କଲେ ଧର୍ମେନ୍ଦ୍ର ପ୍ରଧାନ

### କ୍ୟାବିନେଟ ସଂପ୍ରସାରଣର ଗୋଟିଏ ଦିନ ପରେ ବମ୍ବେ ମାଡ୍ରାସ ଓ କାନପୁର ଆଇଆଇଟି ନିର୍ଦ୍ଦେଶକଙ୍କ ସହ ଆଲୋଚନା



ଭୁବନେଶ୍ୱର,୦୮/୦୭(ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ କାମ ଆରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ଶାସ୍ତ୍ରୀ ଭବନରେ ଥିବା ମନ୍ତ୍ରାଳୟରେ ଦେଶର ନୂତନ ଶିକ୍ଷା ମନ୍ତ୍ରୀ ଭାବେ ଧର୍ମେନ୍ଦ୍ର କାର୍ଯ୍ୟଭାର ଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଏକ ବୈଠକରେ ଯୋଗଦେଇ ଥିଲେ । କେନ୍ଦ୍ର ସରକାରଙ୍କ ଅନୁଦାନ ପ୍ରାପ୍ତ ଆଇଆଇଟି ବମ୍ବେ, କାନପୁର, ମାଡ୍ରାସ,ଓ ବାଙ୍ଗାଲୋର ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ନିର୍ଦ୍ଦେଶକମାନଙ୍କ ସହ ମୋଦୀଙ୍କ ଭିଡିଓ କନଫରେନ୍ସିଂ ବୈଠକରେ ଯୋଗଦେଇ ଥିଲେ । ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଏବେ ଧର୍ମେନ୍ଦ୍ରଙ୍କ କାନ୍ଧରେ ଏକ ବଡ ଦାୟିତ୍ୱ ଆସିଯାଇଛି । କରୋନା କାଳରେ ଦେଶର ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି । ଆଗାମୀ ବର୍ଷରୁ ମାଟ୍ରିକ ଏବଂ ଯୁକ୍ତ ଦୁଇର ଦୁଇଟି ବୋର୍ଡ ପରୀକ୍ଷା ହେବ । ଏହା ଛଡା ଜାତୀୟ ଶିକ୍ଷାନୀତି ଲାଗୁ କରିବା ମୋଦୀ ସରକାରଙ୍କ ପାଇଁ ଏକ ବଡ ଆହ୍ୱାନ । ଏଭଳି ପରିସ୍ଥିତିରେ ଧର୍ମେନ୍ଦ୍ରଙ୍କ କାନ୍ଧରେ ଏକ ବଡ ଦାୟିତ୍ୱ ରହିବ ।

## ରାଜ୍ୟରେ କରୋନାରେ ଆଉ ୫୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୮/୦୭(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୫୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୪୧୫ ହୋଇ ଯାଇଛି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

## ସୁରକ୍ଷା କର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

### ୨୪ ଘଂଟା ମଧ୍ୟରେ ୫ ଆତଙ୍କବାଦୀ ନିହତ



ଜମ୍ମୁ-କଶ୍ମୀର,୦୮/୦୭: ଜମ୍ମୁ-କଶ୍ମୀରର କୁଲଗ୍ରାମ ନିକଟରେ ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଜୋରଦାର ସଂଘର୍ଷ ହୋଇଛି । ଏଥିରେ ୨୪ ଘଂଟା ମଧ୍ୟରେ ୫ ଜଣ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଛି । ଜାତୀୟ ଗଣମାଧ୍ୟମର ସୂଚନା ମୁତାବକ କାଶ୍ମୀରର ଆଇଜିପି ବିଜୟ କୁମାର କହିଛନ୍ତି କି ୨୪ ଘଂଟା ମଧ୍ୟରେ କାଶ୍ମୀର ଅଞ୍ଚଳରେ ପୋଲିସ ଗୁଳିରେ ୫ ଜଣ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି । ସୂଚନା ମୁତାବକ ବୁଧବାର ରାତିରୁ ଦକ୍ଷୀଣ କାଶ୍ମୀରରେ ସୁରକ୍ଷା କର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ଜାରୀ ରହିଛି । ଦୁଇଜଣ ଆତଙ୍କବାଦୀ ଲୁଚିଥିବା ଖବର ପାଇ ସୁରକ୍ଷା କର୍ମୀ ଓ ପୋଲିସ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ । ଏହି ସମୟରେ ଏକ ଘରେ ଲୁଚିଥିବା ଆତଙ୍କବାଦୀମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ । ଏସଓପି ମୁତାବକ ପ୍ରଥମେ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ସୁଯୋଗ ଦିଆଯାଇଥିଲା । ହେଲେ ସେମାନେ ଆତ୍ମସମର୍ପଣ କରିବା ବଦଳରେ ଗୁଳି ଚଳାଇଥିଲେ । ଡେରି ରାତି ▶▶ପୃଷ୍ଠା ୭

## ୧୧ ତାରିଖରେ ଖୋଲିବ ହୀରାକୁଦ ଡ୍ୟାମର ଗେଟ୍

ଭୁବନେଶ୍ୱର,୦୮/୦୭(ନି.ପ୍ର): ୧୧ ତାରିଖରେ ଖୋଲିବ ହୀରାକୁଦ ଡ୍ୟାମର ଗେଟ୍ । ହୀରାକୁଦ ଡ୍ୟାମ ପକ୍ଷରୁ ସତର୍କ ସୂଚନା ଜାରି । ୧୧ ତାରିଖ ଦିନ ଯେକୌଣସି ସମୟରେ ଖୋଲା ଯାଇପାରେ ଗେଟ୍ । ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ଛାଡିବା ନେଇ ସୂଚନା । ୧୨ ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କୁ ସତର୍କ ସୂଚନା ଜାରି କରାଯାଇଛି । ଏନେଇ ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ଦିଆଯାଇଛି । ତେବେ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ୧୧ ତାରିଖରେ ଛଡାଯିବ । କେତୋଟି ଗେଟ ଖୋଲିବ ଏଯାଏଁ ସ୍ପଷ୍ଟ କରାଯାଇ ନାହିଁ । ସେପଟେ ନଦୀକୂଳିଆ ଅଞ୍ଚଳ ବାସୀଙ୍କୁ ସତର୍କ ସୂଚନା ଜାରି କରିଛନ୍ତି ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ ।

## କେନ୍ଦ୍ର ରେଳ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ,୦୮/୦୭: ଅଶ୍ୱିନୀ ବୈଷ୍ଣବ ଗୁରୁବାର ଦିନ ବିଧିବଦ୍ଧ ଭାବେ ରେଳ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳ ୧୦ଟା ସମୟରେ ଅଶ୍ୱିନୀ ବୈଷ୍ଣବ ରେଳ ଭବନରେ ପହଂଚିଥିଲେ। ସେଠାରେ ସେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେଠାରେ ବିଭାଗୀୟ ସଚିବ ଓ ବରିଷ୍ଠ ପଦାଧିକାରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ରେଳବାଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନର ମୁଖ୍ୟ ଅଂଶ । ପ୍ରଧାନମନ୍ତ୍ରୀଙ୍କ ରେଳବାଇ ସମ୍ପର୍କିତ ଭିଜନ ହେଲା ଯେ ଏହାର ରୂପାନ୍ତରଣ କରା ଯାଅ ସାଧାରଣ ଲୋକ, ଗରୀବ ଓ ଚାଷୀ ମାନଙ୍କର ଜୀବନରେ ସୁଧାର ଆଣିବା । ମୋଦିଙ୍କ ଭିଜନକୁ ପୂରଣ କରିବାକୁ ସେ କାମ କରିବେ ବୋଲି ସେ ସୂଚନା ଦେଇଛନ୍ତି ।

## ୧୨ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୮/୦୭(ନି.ପ୍ର): ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ତଥା ସଂଲଗ୍ନ ଉତର-ପଶ୍ଚିମ ଏବଂ ଉତର-ଆନ୍ଧ୍ର-ଦକ୍ଷିଣ ଓଡିଶା ଉପକୂଳ ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ପ୍ରକାଶ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ନୂଆପଡ଼ା, ବରଗଡ଼, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଆଦି ଜିଲ୍ଲାରେ କାଳବୈଶାଖୀ ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୯ ତାରିଖରୁ ୧୦ ତାରିଖ ସକାଳ ପର୍ଯ୍ୟନ୍ତ ନବରଙ୍ଗପୁର , ନୂଆପଡା ଓ ସୁନ୍ଦରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, ▶▶ପୃଷ୍ଠା ୭

## ଓଡିଶାର ଅଲମ୍ପିୟାନଙ୍କୁ ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ

### ପଦକ ବିଜେତାଙ୍କ ପାଇଁ ୬ କୋଟି, ୪ କୋଟି ଓ ୨.୫ କୋଟିର ପୁରସ୍କାର ଘୋଷଣା

ଭୁବନେଶ୍ୱର,୦୮/୦୭ (ନି.ପ୍ର): ଚଳିତ ମାସ ଶେଷ ଭାଗରେ ଅନୁଷ୍ଠିତ ହେବାକୁ ଥିବା ଟୋକିଓ ଅଲମ୍ପିକସରେ ଭାଗ ନେଉଥିବା ଓଡିଶାର ଅଲମ୍ପିୟାନ ମାନଙ୍କ ସହିତ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଥା ହୋଇଥଲେ ଓ ସେମାନଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତି ଖେଳାଳିଙ୍କ ପାଇଁ ଅଲମ୍ପିକସ ହେଉଛି ଜୀବନର ଶ୍ରେଷ୍ଠ ସ୍ୱପ୍ନ । ଏହି ଅବସରରେ ଅଲମ୍ପିୟାନ ଦୂତୀ ଚାନ୍ଦ , ପ୍ରମୋଦ ଭଗତ, ଦୀପ ଗ୍ରେସ ଏକ୍କା, ନମିତା ଟପ୍ପୋ, ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତୁମମାନେ ଓଡିଶାର ଯୁବ ସମାଜ ପାଇଁ ରୋଲମଡେଲ ପାଲଟିଯାଇଛ । ତୁମ ପରିବାର ପାଇଁ ଓ ଆମ ସମସ୍ତଙ୍କ ପାଇଁ ଗର୍ବ ଆଣିଛ । କଠୋର ପରିଶ୍ରମ, ନିଷ୍ଠା ଓ ଶୃଙ୍ଖଳା ଦ୍ୱାରା ତୁମେମାନେ ନିଶ୍ଚୟ ପଦକ ଜିତିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି ଅବସରରେ ଅଲମ୍ପିକସ ପଦକ ବିଜେତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ । ଟୋକିଓ ଅଲମ୍ପିକସରେ ସ୍ୱର୍ଣ୍ଣ ପଦକ ଜିତିଲେ ୬ କୋଟି ଟଙ୍କା , ରୌପ୍ୟ ପଦକ ଜିତିଲେ ୪ କୋଟି ଟଙ୍କା ଏବଂ କାଂସ୍ୟ ପଦକ ଜିତିଲେ ୨.୫ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହାସହିତ ଅଲମ୍ପିକସ ପାଇଁ ଯୋଗ୍ୟତା ହାସଲ କରିଥିବାରୁ ପ୍ରତି ଖେଳାଳିଙ୍କ ପାଇଁ ଅଲମ୍ପିକ ପ୍ରସ୍ତୁତି ନିମନ୍ତେ ୧୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଲମ୍ପିକ ରେ ସେମାନଙ୍କ ସଫଳତା କ୍ରୀଡା କ୍ଷେତ୍ରରେ ଓଡିଶାକୁ ଗୌରବ ମଣ୍ଡିତ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ସମସ୍ତ ଖେଳାଳି ବ୍ୟକ୍ତିଗତ ଭାବରେ ସେମାନଙ୍କର ମତାମତ ଦେଇ ଅଲମ୍ପିକରେ ଭଲ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି କହିଥିଲେ ଏବଂ ରାଜ୍ୟ ସରକାରଙ୍କ ▶▶ପୃଷ୍ଠା ୭

## ଭୁବନେଶ୍ୱର ଏମ୍ସ ଡାକ୍ତରଙ୍କ ପଖାଳ ଗବେଷଣା

## ବାସି ପଖାଳରେ ରହିଛି ରୋଗ ପ୍ରତିରୋଧକ ଶକ୍ତି



ଭୁବନେଶ୍ୱର,୦୮/୦୭(ନି.ପ୍ର): ବାସି ପଖାଳରେ ରହିଛି ରୋଗ ପ୍ରତିରୋଧକ ଶକ୍ତି । ଭୁବନେଶ୍ୱର ଏମ୍ସର ଡାକ୍ତରଙ୍କ ଗବେଷଣାରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଡକ୍ଟର ବାଲମୁରଗାନ୍ ରାମଦୋସ ଗବେଷଣା କରି ଏଭଳି କଥା କହିଛନ୍ତି । ତାଙ୍କ କହିବା କଥା ହେଲା, ବାସି ପଖାଳରେ ଥିବା ରୋଗ ପ୍ରତିରୋଧକ ଶକ୍ତି ଶରୀରରେ ରୋଗ ସହ ଲଢେଇ କରିବାରେ ସହାୟତା କରିଥାଏ । ରାତିରେ ପଖାଳ ହୋଇଥିବା ତୋରାଣିରେ ଭିଟାମିନ-ବି ୧୨, ଭିଟାମିନ-କେ ରହିଥାଏ । ଏହ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବଢାଇବାରେ ସହାୟତା କରିଥାଏ । ରାତିରେ ଭାତକୁ ପଖାଳିବା ଦ୍ୱାରା କିଛି ସମୟ ପରେ ଲାକ୍ଟୋ-ବାସିଲସ ନାମକ ସକାରାତ୍ମକ ଜୀବାଣୁ ତିଆରି ହୋଇଥାଏ । ଏହା ଖାଇଲା ପରେ ପାଚନ ପ୍ରକ୍ରିୟାରେ ସହାୟକ ହୋଇଥାଏ । ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ପଖାଳ ନମୁନା ସଂଗ୍ରହ କରାଯାଇ ଗବେଷଣା କରାଯିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି । ହୋଟେଲରେ ପଖାଳ ନୁହେଁ ବରଂ ଘରେ ପ୍ରସ୍ତୁତ ପଖାଳ ଶରୀର ପାଇଁ ଅଧିକ ହିତକର ବୋଲି ଗବେଷଣାରୁ ଜଣାପଡିଛି । ସାଧାରଣ ଲୋକଙ୍କ ପାଇଁ ପଖାଳ ସହଜରେ ଉପଲବ୍ଧ ହେଉଥିବାବେଳେ ଏଭଳି ତଥ୍ୟ ସାମ୍ନାକୁ ଆସିବା ଆଶ୍ୱସ୍ତି ଆଣିଛି । ଜଣେ ଦିନକୁ ୫ ମିଲିଲିଟର ବାସି ତୋରାଣି ପିଇଲେ ଶରୀର ପାଇଁ ହିତକର ବୋଲି ଗବେଷଣାରୁ ଜଣାପଡିଛ । ଡକ୍ଟର ବାଲମୁରଗାନ୍ ରାମଦୋସ ଏମ୍ସରେ ଡିପାର୍ଟମେଂଟ ଅଫ ବାୟୋକେମିଷ୍ଟ୍ରି ଆଡିସିନାଲ ପ୍ରଫେସର ଅଛନ୍ତି ।

# ରାୟଗଡ଼ା ଭାରତୀୟ ମଜଦୂର ସଂଘର ଚେତାବନୀ

## ସମସ୍ୟାର ସମାଧାନ ନ ହେଲେ କାର୍ଯ୍ୟ ବନ୍ଦ ସହ ରାଜରାସ୍ତାକୁ ଓହ୍ଲାଇବ




ରାୟଗଡ ,୮/୭ (ନି.ପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ସ୍ୱାବଲମ୍ବୀ କାରିଗର ସଂଘର ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ସ୍ୱବଲମ୍ବୀ କରିଗର ସଂଘର ଜିଲ୍ଲା ସଭାପତି ରାମକୃଷ୍ଣ ପଣ୍ଡୁ ଏବଂ ଉପସଭାପତି ବନଂସିଧର କଣ୍ଡାଗରିଙ୍କ ନେତୃତ୍ୱରେ କୋବିଡର ସମସ୍ତ ନିୟମକୁ ପାଳନ କରି ବିଷମକଟକ ପୂର୍ତ୍ତ ଡ଼ାକବଙ୍ଗଳାରେ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ଜିଲ୍ଲାର ୧୧ଟି ବ୍ଲକରୁ ଶତାଧିକ ସ୍ୱାବଲମ୍ବୀ କାରିଗର ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ମୂଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଜ୍ୟ ସଂପାଦକ ତଥା ଜିଲ୍ଲା ପ୍ରଭାରୀ ଶ୍ରୀ ଯୋଗେଶ୍ୱର ଦାସ, ସମ୍ମାନିୟ ଅତିଥି ଭାବେ ଜିଲ୍ଲା ସଂପାଦକ ଶ୍ରୀ ଖଗେଶ୍ୱର ସିଂ, ଜିଲ୍ଲା ଉପସଭାପତି ଶ୍ରୀ ମହନ ରାଓ ମାଝୀ, ଆନନ୍ଦ ରାଉଳ ଯୋଗ ଦେଇ ସ୍ୱାବଲମ୍ବୀ କରିଗର ସଂଘର ୬ ଦଫା ଦାବିନେଇ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଉକ୍ତ ଦାବି ମଧ୍ୟରେ ସ୍ୱାବଲମ୍ବୀ କାରିଗର ମାନଙ୍କୁ କୋଭିଡ୍ ସମୟରେ ନିଜ ଜୀବନକୁ ବାଜି ଲାଗାଇ କାର୍ଯ୍ୟ କରୁଥିବା ସ୍ୱାବଲମ୍ବୀ କାରିଗର ମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ସ୍ୱାବଲମ୍ବୀ କାରିଗରମାନଙ୍କୁ ମାସିକ ୧୫ ହଜାର ଟଙ୍କା ଦରମା ଦେବା, କରୋନା ଯୋଦ୍ଧା ଭାବେ ଘୋଷଣା କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଓ ସୁରକ୍ଷା ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ କୋବିଡ ସମୟରେ ପ୍ରୋତ୍ସାହନ ରାଶି ଯୋଗାଇ ଦେବାପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି । ଆଗାମୀ ଦିନରେ ଦାବି ପୂରଣ ନହେଲେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ସ୍ୱାବଲମ୍ବୀ କାରିଗରମାନେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ସ୍ୱାବଲମ୍ବୀ କାରିଗର ସଂଘର ଜିଲ୍ଲା ସାଦକ ଶ୍ରୀ ସୀମାଞ୍ଚଳ ମିଶ୍ର ବିଷମକଟକ ବ୍ଲକ ସାଦକ ଅନିରୁଦ୍ଧ ସଦା ଓ ସୁଧାକର ବେହେରା ସମେତ ସଂଘର ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ଟ୍ୟୁସନ ଫି ଛାଡ କରିବାକୁ ଛାତ୍ରଛାତ୍ରୀଙ୍କ ଦାବି

ଧର୍ମଶାଳା,୮/୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମୁଗପାଳସ୍ଥିତ ଉପେନ୍ଦ୍ରନାଥ ଶରଦା ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷ (୬ଷ୍ଠ ସେମିଷ୍ଟାର)ଫି' ଆଦାୟକୁ ନେଇ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାର ପ୍ରତିବାଦରେ ଛାତ୍ରଛାତ୍ରୀମାନେ ଆଜି ଫି' ଛାଡ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏକ ଦାବି ପତ୍ର ପ୍ରଦାନ କରିବା ସହ ଏକ ଦସ୍ତଖତ ସଂଗ୍ରହ ଅଭିଯାନ କରି ଯାଜପୁର ଜିଲାପାଳଙ୍କ ଜରିଆରେ ଉଚ୍ଚଶିକ୍ଷା ସଚିବଙ୍କ ନିକଟକୁ ଚଳିତ ବର୍ଷର ଟ୍ୟୁସନ ଫି' ଛାଡ କରିବା ଅଭିଯୋଗରେ ଏକ ଦାବି ପତ୍ର ପ୍ରେରଣ କରିଛନ୍ତି । ବିଶ୍ୱବିଦ୍ୟାଳୟ ପକ୍ଷରୁ କଳା ବିଭାଗର ଛାତ୍ରଛାତ୍ରୀଙ୍କ ନିକଟରୁ ଫି' ବାବଦରେ ୧୦୨୦ଟଙ୍କା,ବିଜ୍ଞାନ ଓ ବାଣିଜ୍ୟ ୧୦୩୦ଟଙ୍କା ଟଙ୍କା ନିଆଯିବା ସହ ଟ୍ୟୁସନ ଫି' ଆକାରରେ ୩୫୦ଟଙ୍କା ଓ ବିବିଧ ଫି' ୨୦ ଟଙ୍କା ମିଶାଇ ଅତିରିକ୍ତ ୩୭୦ଟଙ୍କା ଆଦାୟ କରାଯାଉଛି । କରୋନା ଯୋଗୁଁ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ଫି' ହ୍ରାସ କରାଯାଉଥିବା ବେଳେ ଚଳିତ ବର୍ଷ ଶ୍ରେଣୀଗୃହ ପାଠପଢା ନ ହୋଇ ପର୍ବୂ ନିର୍ଦ୍ଧାରିତ ଟ୍ୟୁସନ ଫି' ଆଦାୟ ହେଉଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ଯୁବ ସଙ୍ଗଠକ ମନୋଜ କୁମାର ସାହୁ ଏ ସମ୍ପର୍କରେ ଆଲୋଚନା କରିବାରୁ ଭାରାପ୍ରାପ୍ତ ଅଧ୍ୟକ୍ଷ ମାୟାଧର ସାହୁ ଏନେଇ ଟ୍ୟୁସନ ଫି' ଛାଡ କରିବା ତାଙ୍କ କ୍ଷମତା ବାହାରେ । ଟ୍ୟୁସନ ଫି' ବାବଦକୁ ଆଦାୟ ହେଉଥିବା ସମସ୍ତ ଅର୍ଥ ଉଚ୍ଚଶିକ୍ଷା ବିଭାଗରେଜମା ହେଉଛି । ଛାତ୍ରଛାତ୍ରୀଙ୍କ ଦାବି ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇ ଦିଆଯିବ । ଅଧ୍ୟକ୍ଷଙ୍କ ସହ ଆଲୋଚନା ପରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ କ୍ରିଷ୍ଟା ପଣ୍ଡା,ବିକି ସ୍ୱାଇଁ,ପ୍ରଦୀପ ମହନ୍ତ,କାଜଲ ସାହୁ,ଶୟାଲକ୍ଷ୍ମୀ ପଣ୍ଡା,ସବିତା ମଲିକ ଯାଜପୁର ଜିଲାପାଳଙ୍କ ଜରିଆରେ ଉଚ୍ଚଶିକ୍ଷା ସଚିବଙ୍କ ନିକଟକୁ ଟ୍ୟୁସନ ଫି' ଛାଡ କରିବା ନେଇ ଏକ ଲିଖିତ ଦାବିପତ୍ର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି ।

# କନ୍ଧମାଳ ଜିଲ୍ଲା ମଣିପଦର ଡାମିସାହିଠାରେ ବୃକ୍ଷ ରୋପଣ ଓ ବନ ମହୋତ୍ସବ କାର୍ଯ୍ୟକ୍ରମ

କନ୍ଧମାଳ,୮/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଫରେଷ୍ଟ ରେଞ୍ଜ ଅଧିନରେ ଥିବା ମଣିପଦର ଡାମିସାହିରେ ଥିବା ଖେଳ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବିଡିଓ ରଶ୍ମୀରଞ୍ଜନ ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବନ୍ଧଗଡର ଫରେଷ୍ଟର ଚନ୍ଦ୍ରମା ପଟ୍ଟନାୟକ ଏବଂ ସେହି ଅଂଚଳର ଫରେଷ୍ଟ ଗାର୍ଡ ମାନଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ସଂଗ୍ରାମ ଦିଗାଲ,ଏପିଓ ସୁମନ୍ତ ଉଠାଣସିଂ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବନସଂରକ୍ଷଣ ସମିତିର ସଭାପତି ପ୍ରେମାନନ୍ଦ ମାଝୀଙ୍କ ସଭାପତିତ୍ୱରେ ଗ୍ରାମର ମୁଖିଆ ବିଶିପତି କହଁର,ହେମନ୍ତ କହଁର,ବିଘ୍ନରାଜ କହଁର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ମୁଖ୍ୟ ଅତିଥିଙ୍କ ସମେତ ପୁର୍ବତନ ସରପଂଚ ତଥା ଆଦିବାସୀ ନେତା ଅନିଲ କୁମାର କହଁର ପ୍ରମୁଖ ସେଠାରେ ବୃକ୍ଷ ରୋପଣ କରିବା ପରେ । ସେଠାରେ ଆୟୋଜିତ ଏକ ସଭାରେ ଆଖପାଖ ଅଂଚଳର ଶତାଧିକ ଲୋକଙ୍କୁ ବୃକ୍ଷର ଚାହିଦା ଏବଂ ପରିବେଷ ପାଇଁ ଅହାର ଆବଶ୍ୟକତା ବିଷୟରେ ଉପସ୍ଥିତ ଶତାଦ୍ଧିକ ଲୋକଙ୍କୁ ବୁଝାଇଥିଲେ । ଏହାସହିତ ଲୋକଙ୍କୁ ନିଜନିଜ ବାଡିରେ ଅନ୍ତତଃ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିବୋକୁ ଅନୁରୋଧ କରିଥିଲେ ।

## ଜିଲ୍ଲାର ୧୫୦୦ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯିବ ୩୦ କୋଟି ଋଣ

କେନ୍ଦ୍ରାପଡ଼ା,୮/୭ (ନି.ପ୍ର): ମହିଳା ସଶକ୍ତିକରଣ ଯୋଜନା ମାଧମରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା ପାଇଁ ମୀଶନଶକ୍ତି ଋଣମେଳା କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି । ଚଳିତ ମାସ ୭ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୯ଟି ବ୍ଲକରେ ଋଣମେଳା ମାଧମରେ ପୟେତ୍ୟକ ଗୋଷ୍ଠୀଙ୍କୁ ୨ ଲକ୍ଷ ରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାବ ବୋଲି ଜଣାପଡିଛି । ଜିଲ୍ଲାରେ ପ୍ରାୟ ୧୫ଶହ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୩୦ କୋଟି ଟଙ୍କା ଋଣ ପ୍ରଦାନ କରାଯିବ ଏନେଇ ବୁଧବାର ଜିଲ୍ଲାର ସମସ୍ତ ବ୍ଲକରେ ଏହି ଋଣମେଳା ମାଧମରେ ୫ଶହ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇ ଥିବା ସୂଚନା ମିଳିଛି । ଏହି ଋଣ ମାଧମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ କୁକୁଡା, ମାଛ, ଛତୁ, ପନିପରିବା ପ୍ରଭୃତି ଚାଷ କରି ଆତ୍ମ ନିର୍ଭରଶୀଳ ହୋଇ ପାରିବେ ବୋଲି ଜଣାପଡିଛି । ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଉଦ୍ୟମରେ ଏହି ଋଣମେଳା ର ଆୟୋଜନ କରାଯାଇଛି । ଜିଲ୍ଲାର ସମସ୍ତ ଜାତୀୟ କରଣ ବ୍ୟାଙ୍କ ମାଧମରେ ଏହି ଋଣ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି ।

## ସେବାୟତ ଛାତ୍ର ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ

ପୁରୀ,୮/୭ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ ର ନିଷ୍ପତି ଅନୁଯାୟୀ ଆଜି ନୀଳାଦ୍ରୀ ଭକ୍ତ ନିବାସ ଠାରେ ସେବାୟତ ଛାତ୍ର ଛାତ୍ରୀ ଙ୍କୁ ବୃତି ପ୍ରଦାନ କରାଯାଇଛି । ମାଟ୍ରିକ୍ ପରୀକ୍ଷା ରେ ସର୍ବୋଚ୍ଚ ନମ୍ବର ରଖିଥିବା ୫ ଜଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଛି । ପ୍ରତ୍ୟେକ ଛାତ୍ର ଛାତ୍ରୀ ଙ୍କୁ ୫୦,୦୦୦ ଟଙ୍କା ଅର୍ଥରାଶି ସହ ଶ୍ରୀପୁରୁଷୋତମ ମହାତ୍ମ୍ୟ ପୁସ୍ତକ ପ୍ରଦାନ କରାଯାଇଛି । ଏହାସହ ଦଶମ ଦ୍ୱାଦଶ ପରୀକ୍ଷାରେ ସେବାୟତ ପରିବାରର ଛାତ୍ର ଛାତ୍ରୀ ଯେଉଁମାନେ ୭୦ ପ୍ରତିଶତ ରୁ ଅଧିକ ମାର୍କ ରଖିଛନ୍ତି ସେମାନଙ୍କ ମଧ୍ୟରୁ ୯ ଜଣ ଛାତ୍ର ଛାତ୍ରୀ ଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଛି । ଏସଂପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.କ୍ରିଷନ କୁମାର ଗଣମାଧମ ଙ୍କୁ ସୂଚନା ଦେଇଛନ୍ତି । ଏହି ପୁରସ୍କାର ବିତରଣ ଉତ୍ସବ ରେ ଶ୍ରୀମନ୍ଦିର ପ୍ରଶାସନ ର କର୍ମଚାରୀ ଅଧିକାରୀ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ମାନେ ଯୋଗ ଦେଇଥିଲେ ।

# କରୋନା ପ୍ରଭାବରେ ରୂପଚର୍ଯ୍ୟାଳୟ କାରିଗରଙ୍କ ଦୟନୀୟ ସ୍ଥିତି

## କଟକଣା ଉଠାଇବାକୁ 'ବିଉଟି ଏଣ୍ଡ ହେୟାର ଆସୋସିଏସନ'ର ଦାବି



ବାଲେଶ୍ୱର,୮/୭ (ନି.ପ୍ର): ବାଲେଶ୍ୱର ସମେତ ରାଜ୍ୟରେ ମହାମାରୀ କରୋନାର ପ୍ରକୋପ ହ୍ରାସ ପାଉଥିବା ବେଳେ ରୂପଚର୍ଯ୍ୟାଳୟକୁଡ଼ିକୁ କଟକଣା ମୁକ୍ତ କରିବା ପାଇଁ ଦାବି କରିଛି 'ଓଡ଼ିଶା ରାଜ୍ୟ ବିଉଟି ଏଣ୍ଡ ହେୟାର ଆସୋସିଏସନ' । ଏହି ପରପ୍ରକ୍ଷୀରେ ଆସୋସିଏସନର ବାଲେଶ୍ୱର ଜିଲା ଶାଖା କର୍ମକର୍ତ୍ତା ଓ ସଦସ୍ୟାମାନେ ବୁଧବାର ଜିଲାପାଳଙ୍କୁ ସାକ୍ଷାତ ସହ ସାମ୍ପ୍ରତିକ ସ୍ଥିତିରେ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ସହର ସମେତ ସମଗ୍ର ବାଲେଶ୍ୱର ଜିଲାରେ ୩ହଜାରରୁ ଉର୍ଦ୍ଧ୍ୱ ରୂପଚର୍ଯ୍ୟାଳୟ ବନ୍ଦ ରହିବା ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୭ ହଜାର ପରିବାର ଜୀବିକା ହରାଇ ଦୟନୀୟ ସ୍ଥିତିରେ ପହଞ୍ଚିଛନ୍ତି ବୋଲି ସଂଗଠନର କର୍ମମର୍ତ୍ତାମାନେ ସୂଚନା ଦେଇଛନ୍ତି । ତାଲାବନ୍ଦ ଓ କୋଭିଡ କଟକଣା ଯୋଗୁଁ ଦୀର୍ଘଦିନ ଧରି ରୂପଚର୍ଯ୍ୟାଳୟ ବନ୍ଦ ରହିବା ଫଳରେ ବ୍ୟବହୃତ ଯନ୍ତ୍ରାଂଶ ଓ ବ୍ୟବହାରିକ ସାମଗ୍ରୀମାନ ନଷ୍ଟ ହେବାକୁ ଲାଗିଲାଣି ବୋଲି ସେମାନେ କହିଛନ୍ତି । ଅନ୍ୟପକ୍ଷରେ ପ୍ରତିମାସ ଘରଭଡ଼ା, ବୁଦ୍ୟତ ବିଲ ଓ ବ୍ୟାଙ୍କରୁ ନେଇଥିବା ଋଣର କିସ୍ତି ସୁଝିବା ଏବେ ସେମାନଙ୍କ ପାଇଁ ବୋଝ ହୋଇଛି । ସରକାରଙ୍କ ଅନଲକ (ତାଲାଖୋଲା) ବ୍ୟବସ୍ଥାରେ ସେଲୁନ ଓ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବାକୁ ଅନୁମତି ମିଳିଥିବା ବେଳେ ସେମାନଙ୍କୁ ବି ଅନୁରୂପ ସୁଯୋଗ ପ୍ରଦାନ ପାଇଁ ଆସୋସିଏସନର କର୍ମକର୍ତ୍ତାମାନେ କହିଛନ୍ତି । କୋଭିଡ କଟକଣା ମଧ୍ୟରେ ସାମାଜିକ ଦୂରତା ରକ୍ଷା କରି ନିଜର ବ୍ୟବସାୟ କରିପାରିବେ ବୋଲି ସେମାନେ ମତ ଦେଇଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ଆସୋସିଏସନର ସଭାନେତ୍ରୀ ସଞ୍ଜୁରାଣୀ ଲେଙ୍କା, ସମ୍ପାଦିକା ଉପାସନା ପାତ୍ର, ଅନୁପମା ବେହେରା, ଭରତୀ କବି, ସନ୍ଧ୍ୟାରାଣୀ ଗିରି, ମଧୁସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରେମ ସମ୍ପର୍କ ଓ ବିବାହକୁ ନେଇ ରକ୍ତାକ୍ତ ସଂଘର୍ଷ : ୬ ଗୁରୁତର

ଗଞ୍ଜାମ,୮/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ପିତଳ ନିକଟସ୍ଥ ବ୍ରାହ୍ମଣଛାଇ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ପ୍ରେମ ଓ ବିବାହ ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୬ ଜଣ ଗୁରୁତର ଆହତ ହେବା ସହ ଅନ୍ୟ ୫ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଗୁରୁତର ଆହତ ମାନେ ହେଲେ ସ୍ୱରାଜ୍ୟ ପ୍ରଧାନ, ଚନ୍ଦନ ପ୍ରଧାନ, କୃଷ୍ଣ ପ୍ରଧାନ, ଶିବ ପ୍ରଧାନ, ସମୀର ପ୍ରଧାନ ଗୁରୁତର ଆହତ ହୋଇଛନ୍ତି । ଘଟଣାର ସମାଧାନ କରିବାକୁ ଯାଇ ସ୍ଥାନୀୟ ସରପଚଂ ସତ୍ୟନାରାୟଣ ପୃଷ୍ଟି ମଧ ଖଣ୍ଡା ଚୋଟରେ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଉପଖଣ୍ଡ ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ଉଭୟଙ୍କୁ ଏମକେସିଜିରୁ କଟକ ବଡ଼ ମେଡିକାଲକୁ ପଠାଯାଇଥିବା ଜଣାପଡିଛି । ଖବର ପାଇ ହିଞ୍ଜିଳିକାଟୁ ଥାନା ପୋଲିସ ଏବଂ ଆସିକା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଏନେଇ ଛାନଭିନ୍ ଆରମ୍ଭ କରିଛନ୍ତି । ହିଂସାକାଣ୍ଡ ପରେ ଗ୍ରାମରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି ।

# ଲାଇଫ ଲାଇନ ସମବାୟ ସମିତିରେ ଅନିୟମିତତା ଅଭିଯୋଗ : କର୍ମଚାରୀଙ୍କୁ ମିଳି ନାହିଁ ୧୫ ମାସର ଦରମା

ଜୟପୁର,୮/୭ (ନି.ପ୍ର): ଜୟପୁର ସହରରେ ଥିବା ଲାଇଫ ଲାଇନ ସମବାୟ ସମିତିର ଆର୍ଥିକ ତୋଷାରପାତ ହୋଇଥିବା ନେଇ କର୍ମଚାରୀମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଲାଇଫ ଲାଇନ ସମବାୟ ସମିତିର କର୍ମଚାରୀ ଏବଂ ଜମାକାରି ମାନେ ଅଭିଯୋଗ କରିଛନ୍ତି ଯେ ବିଗତ ବର୍ଷରେ ସୋସାଇଟିର ଆର୍ଥିକ ତୋରାଷାପାତ ହୋଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ପୁର୍ବରୁ ସୋସାଇଟିର ସଭାପତିଙ୍କ ସହ ସମସ୍ତ ପରିଚାଳକ ମଣ୍ଡଳୀର ଖାମଖିଆଲ ମନୋଭାଗ ଯୋଗୁଁ ସଂସ୍ଥାର ଆର୍ଥିକ ସ୍ଥିତି ବିଗିଡି ଯାଇଛି । ଏସୁବ ପାଇଁ ଦାୟୀ ପୂର୍ବତନ ସମ୍ପାଦକ । ୨୦୧୪-୧୫ ମସିହାରୁ ୨୦୧୬-୧୭ ମସିହା ମଧ୍ୟରେ ସୋସାଇଟିର ଅର୍ଥ ବାଟମାରଣା କରିଛନ୍ତି । ସେ ସମୟରେ ସମ୍ପାଦକ ତୋଷାରପାତ କରିଛନ୍ତି । ଏ ସମ୍ପର୍କରେ ଆରସିଏସ ଙ୍କୁ ମଧ୍ୟ ଜଣାଯାଇଛି । ବର୍ତମାନ ଏସଏରସିଏସ ଅଶୋକ ଭଟ୍ଟମିଶ୍ର ଲାଇଫ ଲାଇନର ପ୍ରଶାସକ ଭାବେ କାର୍ଯ୍ୟ କରୁଛନ୍ତି । ତୋଷାରପାତକାରୀ ମାନେ ଆତ୍ମସାତ କରିଥିବା ଏଆସିଏସ କାର୍ଯ୍ୟାଳୟ ରେ ଏସଆରସିଏସଙ୍କ ଉପସ୍ଥିତିରେ ମାନିବା ସହ ଲିଖିତ ଆକାରେ ଟଙ୍କା ଫେରାଇବାକୁ କହିଥିଲେ । କିନ୍ତୁ ଦୀର୍ଘ ମାସ ବିତି ଯାଇଥିଲେ ମଧ ସେମାନେ ଟଙ୍କା ଡିପୋଜିଟ କରି ନାହାଁନ୍ତି । ଏନେଇ ଆରସିଏସ ତରଫରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ସୋସାଇଟିରେ ଜମାକରିଥିବା ଜମାକାରି ମେମ୍ବର ସେମାନଙ୍କ ଜମାରିଶି ଫେରସ୍ତ ପାଇବାରେ ବିଳମ୍ବ ହେଉଛି । ଜମାକରି ମେମ୍ବର ସୋସାଇଟିର କାର୍ଯ୍ୟରତ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ମରଣାନ୍ତକ ଆକ୍ରମଣ କରିଛନ୍ତି । ଏମିତି କି କର୍ମଚାରୀ ମାନେ ଦୀର୍ଘ ୧୫ ମାସ ହେବ ଦରମା ମଧ୍ୟ ପାଇ ନାହାନ୍ତି । ବର୍ତମାନର ମେନେଜମେଂଟ ସଠିକ କାଯ;୍ୟ କଲେ କର୍ମଚାରୀ ସହ ଜମାକାରୀ ମାନେ ମଧ୍ୟ ଉପକୃତ ହେବେ । ଗଙ୍ଗା ଧର ସାହୁ, ରଞ୍ଜିତା ସାହୁ ପୂର୍ବତନ ସଭାପତି ରାଜେଶ ତ୍ରିପାଠିଙ୍କ ସମୟରେ ହୋଇଥିବା ଅନିୟମିତତାର ତଦନ୍ତ କରିବାକୁ ଦ୍ୱାରସ୍ଥ ହୋଇଛନ୍ତି ।

# ବିଜେପି ପକ୍ଷରୁ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମଦିନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ରାୟଗଡ଼ ,୮/୭ (ନି.ପ୍ର): ରାୟଗଡ଼ ଜିଲ୍ଲା ଗୁଣପୁର ନଗର ବିଜେପି ଦ୍ୱାରା ସ୍ଥାନୀୟ ଆୟାପ୍ପା ମନ୍ଦିର ନିକଟ ଶବର ସାଂସ୍କୃତିକ ସଙ୍ଘ କାର୍ଯ୍ୟାଳୟ ଠାରେ ସ୍ୱର୍ଗତ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମଦିନ ଅବସରରେ ତାଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯଇଥିଲା । ତାଙ୍କରି ଅଖଣ୍ଡ ଭାରତ ସ୍ୱପ୍ନ ଆଜି ସାକାର ହୋଇଛି କାରଣ କାଶ୍ମିର ରୁ ୩୭୦ ଧାରା ଉଚ୍ଛେଦ ହୋଇଛି, ତାଙ୍କରି ତ୍ୟାଗ, ପରିଶ୍ରମ ଓ ଦେଶ ଭକ୍ତି ଆତୁଳନୀୟ ବୋଲି ଜିଲ୍ଲା ଉପସଭାପତି ଶ୍ରୀ ୱାଇ.ଗଣପତି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏଇ ଅବସରରେ ଆୟାପ୍ପା ମନ୍ଦିର ନିକଟରେ ବିଜେପି ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ନଗର ସଭାପତି ଶ୍ରୀନ୍ବାସ ସ୍ୱାଇଁ, ଜଗନାଥପୁର ମଣ୍ଡଳ ସଭାପତି ପୃଥିବୀରାଜ ପାଢୀ, ଉଦୟନାଥ ପାଢୀ, ବିଦ୍ୟା ଶବର, ଅମର କୁମାର ସାହୁ, ଭଗବାନ ଚୌଧୁରୀ,ଗୋପାଳ କୃଷ୍ଣ ଦେବପାତ୍ର, ପି.ନାଗରାଜୁ, ସନ୍ତୋଷ କୁମାର ସୁବୁଦ୍ଧି, ମୁଖି ଦିବାକର, ପ୍ରେମ ପଣ୍ଡା, ଫାଲଗୁନି ଶବର, ଜଗଦୀଶ ପଣ୍ଡା, ଟିଂକୁ ପଣ୍ଡା ଓ ଅନ୍ୟାନ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

# ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ

ଧର୍ମଶାଳା,୮/୭ (ନି.ପ୍ର): ଖୋର୍ଦ୍ଧା ଜିଲା ସଦର ମହକୁମାରେ ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଯାଇଛି ।ଏହି ଅବସରରେ ଏକ ସଚେତନତା ପାଇଁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ତେବେ ଜନସଂଖ୍ୟା ସଚେତନତା ପକ୍ଷ ଜୁନ୨୭ ରୁ ଜୁଲାଇ ୧୦ ତାରିଖ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ।ସେ ଆହୁରି ମଧ କହିଛନ୍ତି ଛୋଟ ପରିବାର ସୁଖୀ ପରିବାର ।ତେବେ ଏହାକୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଲୋକମାନଙ୍କୁ ପ୍ରଚାର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଛି । ସଚେତନତା ରଥ ଜିଲାର ୧୦ଟି ବ୍ଲକର ବିଭିନ୍ନ ଗାଁ ଗାଁ ବୁଲି ସଚେତନତା କରିବ । ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଧିକାରୀ ବିଶ୍ୱରଞ୍ଜନ ପତି ଯୋଗ ଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ କାର୍ଯ୍ୟକ୍ରମ ଚଳିତ ମାସ ୧୧ ବିଶ୍ୱ ଜନସଂଖ୍ୟା ଦିବସ ଓ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯିବ । ତେବେ ବିଶ୍ୱ ଜନସଂଖ୍ୟା ଦିବସ ନେଇ ଚଳିତ ବର୍ଷର ବାର୍ତ୍ତା ରହିଛି 'ପରିବାର ନିୟୋଜନ ଏକ ସାମାଜିକ ଦାଇତ୍ୱ' । ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପୋଷ୍ଟର, ବ୍ୟାନର, ଲିଫଲେଟ,ହୋଡିଙ୍ଗ ଓ ସଚେତନତା ରଥ ମାଧ୍ୟମରେ ସଚେତନ କରାଯିବ । ଏତତ ବ୍ୟତୀତ ଆଶାକର୍ମୀ ମାନେ ସନ୍ତାନକ୍ଷମ ଦମ୍ପତିଙ୍କର ଏକ ତାଲିକା ନବୀକରଣ କରିବା ସହିତ ଗ୍ରାମ୍ୟସ୍ତର ସ୍ୱାସ୍ଥ୍ୟ ଓ ପୋଷଣ ଦିବସରେ ସନ୍ତାନକ୍ଷମ ମହିଳାମାନଙ୍କୁ ସଚେତନ କରାଯିବ ।ଏପରିକି ସ୍ୱାସ୍ଥ୍ୟ କାନ୍ଥରେ ସଚେତନତା ବାର୍ତ୍ତା ରହିବା ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭ ନିରୋଧ ପାଇଁ ଗର୍ଭ ନିରୋଧ ବଟିକା ଓ କଣ୍ଡୋମ ବଂଟନ କରାଯିବ ।

# ରାୟଗଡ଼ ଜିଲ୍ଲାରେ ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରସର ନିରବ ପ୍ରତିବାଦ



ରାୟଗଡ,୮/୭ (ନି.ପ୍ର): ରାୟଗଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରେ କଂଗ୍ରେସ କମିଟି ତରଫରୁ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମନମୁଖୀ ଶାସନ କରି ଜନସାଧାରଣଙ୍କ ସାଧାରଣ ଚଳଣିରେ ଦିନକୁ ଦିନ ମୌଳିକ ସାମଗ୍ରୀର ମନମୁଖୀ ଦରଦାମ ବୃଦ୍ଧି ପ୍ରତିବାଦରେ ଦୀର୍ଘ ସାତ ଦିନ ଧରି ପ୍ରତିବାଦ ସଭା କରିବା ଆରମ୍ଭ ହୋଇଛି । କଂଗ୍ରେସ ସରକାର ସମୟରେ ପେଟ୍ରୋଲ ଡିଜେଲ ଦାମ ୬୫ ରୁ ୧୦୩, ୫୭ ରୁ ୧୦୦, ଏଲପିଜି ଗ୍ୟାସ ୪୧୭ରୁ ୮୯୦, ଖାଇବା ତେଲ ୮୭ ରୁ ୧୮୦, ଡାଲି ୮୨ରୁ ୧୩୫କୁ ବଢିଯାଇଛି । ଏଇ ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କୁ ଚଡକ ଭଳି ହୋଇଯାଇଛି । ଦେଖିବାକୁ ଗଲେ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଁ ସାଧାରଣ ଜନତାଙ୍କ ତଥା ମଧବିତ୍ତ ଓ ନିମ୍ନବର୍ଗର ଲୋକଙ୍କ ଘରର ଚଳଣି ଉପରେ ବେଶ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବୋଝ ବଢିବା ରେ ଲାଗିଛି । ଅନ୍ୟପଟେ କରୋନା ରୋଗର ବିଭୀଷିକା ଭିତରେ ଜନସାଧାରଣ ଅନେକ କଟକଣା ଭିତରେ ରୋଜଗାର ହରାଇ ବେକାରୀ ଓ ମାନସିକ ଅସନ୍ତୋଷ ଭିତରେ ଜୀବନ କାଟୁଥିବା ବେଳେ ପ୍ରାୟ ଏଇ ଦୁଇଚାରି ମାସ ରେ ଅନେକ ଥର ବାରମ୍ବାର ପେଟ୍ରୋଲ ଡିଜେଲ ଦର ବହୁବାର ବଢିଚାଲିଛି ଫଳରେ ସାମଗ୍ରିକ ଦର ଉପରେ ପ୍ରଭାବ ପଡୁଛି । ଅନ୍ୟପଟେ କଳାବଜାରି ମଧ ବଢିଚାଲିଛି । ଏଣୁ କଂଗ୍ରେସର ଏଇ ଡାକରାରେ ଜନସାଧାରଣ ମଧ ଏଇ ପ୍ରତିବାଦ ସଭାରେ ନିଜକୁ ଜଡିତ ହେଉଥିବା ଜଣାପଡୁଛି ।

# ସଂକ୍ରମଣରୁ ରକ୍ଷା କରୁଥିବା ଛତୁ

ପିଲାଙ୍କୁ ଅପପୁଷ୍ଟି ଏବଂ ଭାଇରାଲ ଜ୍ୱରରୁ ସୁରକ୍ଷା ଦେବା ଲାଗି ଉତ୍ତରପ୍ରଦେଶ କାନପୁରସ୍ଥିତ ଚନ୍ଦ୍ରଶେଖର ଆଜାଦ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଛତୁର ଏକ ନୂଆ ପ୍ରଜାତି ପ୍ରସ୍ତୁତ କରିଛନ୍ତି । ଏହି ଛତୁରେ ଦୁଇଟି ଉଦ୍ଭିଦଜାତ ବିଶେଷ ପ୍ରକାର ହରମୋନ ସହାୟତାରେ ପୁଷ୍ଟିକର ଏବଂ ଔଷଧୀୟ ଗୁଣ ବଢ଼ାଇ ଦିଆଯାଇଛି । ଗହମ ଚୋକଡ଼ ଓ ଆଖୁଛେଦାକୁ ବିଭିନ୍ନ ତାପମାତ୍ରାରେ ରଖି ଆର୍ଦ୍ରତା ଦେଇ ଏଭଳି ଛତୁ ଫୁଟାଯାଇଛି । ଏହି ଛତୁ ମାତ୍ର ୨୫ଦିନ ମଧ୍ୟରେ ହୋଇ ପାରୁଥିବା ବେଳେ ରୋଗପୋକ ଲାଗିବାର ଆଶଙ୍କା ନାହିଁ ଏବଂ ଅଧିକ ଦିନ ରହିପାରେ । ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ଗଛରୁ ବାହାରୁଥିବା ଦୁଇପ୍ରକାରର ହରମୋନ ଇଣ୍ଡୋଲ ଏସିଟିକ୍ ଏସିଡ୍ ଏବଂ ଜିବରିଲିନ୍ ସହାୟତାରେ ଏହି ନୂଆ ପ୍ରଜାତିର ଛତୁରେ ଭିଟାମିନ, ଆଣ୍ଟିଅକ୍ସିଡାଣ୍ଟ ବିଭିନ୍ନ ପ୍ରକାର ଏନଜାଇମ ଏବଂ ରୋଗପ୍ରତିରୋଧକ କ୍ଷମତା ବଢ଼ାଉଥିବା ତତ୍ତ୍ୱର ମାତ୍ରା ଅଧିକ କରାଯାଇଛି । ଏହା ମଣିଷ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ସହ ଭୂତାଣୁ ସଂକ୍ରମଣରୁ ସୁରକ୍ଷା ଦେବ । କ୍ରମାଗତ ଭାବେ ଚାରିବର୍ଷ ଧରି ଗବେଷଣା କରିବା ପରେ ଏହି ଛତୁ ପ୍ରସ୍ତୁତ କରାଯାଇଥିବା ବୈଜ୍ଞାନିକମାନେ କହିଛନ୍ତି । ଏହି ଛତୁରେ ଅନ୍ୟ ଛତୁ ଅପେକ୍ଷା ପାଣିର ମାତ୍ରା କମ୍ ଥାଏ । ପିଲାଙ୍କୁ ନିୟମିତ ଏହା ଖାଇବାକୁ ଦେଲେ ସେମାନେ ଅପପୁଷ୍ଟି ସମସ୍ୟାରୁ ମୁକ୍ତ ହୋଇପାରିବେ । ଏହା ସମ୍ପୂର୍ଣ୍ଣ ଭାବେ ଜୈବିକ ଏବଂ ସୁରକ୍ଷିତ । ଦୀର୍ଘଦିନ ଧରି ରୋଗାକ୍ରାନ୍ତ ରହିଥିବା ଲୋକେ ଏହାକୁ ଖାଇଲେ ପ୍ରୋଟିନ୍, ମିନେରାଲସ, କାର୍ବୋହାଇଡ୍ରେଟ, ଫଲିକ୍ ମିଳିପାରିବ ବୋଲି ଗବେଷଣାରେ ଜଣାପଡ଼ିଛି । ଏଥିରେ ବିଟା ଗ୍ଲୁକୋନ୍ ଓ କନ୍ଜୁଗେଟେଡ ଲିନୋଲିକ୍ ଏସିଡ ରହିଛି ଯାହା ଶରୀର ଉପରେ ଆଣ୍ଟି କାର୍ସିନୋଜେନିକ୍ (କର୍କଟ ପ୍ରତିରୋଧୀ) ପ୍ରଭାବ ସୃଷ୍ଟି କରେ । ବିଶେଷ କରି ହସପିଟାଲ ଓ ଅଙ୍ଗନୱାଡ଼ିଗୁଡ଼ିକରେ ଏହି ଛତୁ ବ୍ୟବହାରକୁ ପ୍ରସାର କରାଯିବା ଉଚିତ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଏଥିରେ କମ ପରିମାଣରେ କାର୍ବୋହାଇଡ୍ରେଟସ ଥିବାରୁ ଏହା ଶର୍କରା ସ୍ତର ତୁରନ୍ତ ବଢ଼ାଏ ନାହିଁ । ତେଣୁ ମଧୁମେହ ରୋଗୀଙ୍କ ପାଇଁ ମଧ ଉପକାରୀ ହୋଇପାରେ ।





# ଲାଭ ଦାୟକ ଝାଡୁ ଘାସ

ସାଧାରଣତଃ ଗୋପାଳନ କରୁଥିବା ଲୋକେ ଘାସ ଚାଷ କରିବାର ଯୋଜନା କରନ୍ତି । ତେବେ ଝାଡୁ କରିବା ଲାଗି ମଧ ଘାସଚାଷ ଉପଯୋଗୀ ହୋଇପାରେ । ଘର ଓଳାଇବାରେ ବ୍ୟବହାର କରାଯାଉଥିବା ଫୁଲଝାଡୁ ସାଧାରଣତଃ ଝାଡୁ ଘାସ ବା ଟାଇଗର ଗ୍ରାସରୁ ତିଆରି ହୋଇଥାଏ । ଏହାର ବୈଜ୍ଞାନିକ ନାମ ଥାଇସାନୋଲେନା ମ୍ୟାକ୍ସିମା । କେବଳ ଝାଡୁ ଲାଗି ନୁହେଁ, ଏହି ଗଛ ମାଟିକୁ ଭଲରେ ବାନ୍ଧି ରଖିବା ଦ୍ୱାରା ମୃତ୍ତିକା କ୍ଷୟ ରୋକିଥାଏ । ଏହାର ଫୁଲ ଓ ଡେମ୍ଫରେ ଝାଡୁ ତିଆରି ହେଉଥିବାବେଳେ ପତ୍ରକୁ ଗୋଖାଦ୍ୟ ଭାବେ ବ୍ୟବହାର କରିପାରିବେ । ବିଶେଷକରୀ ପାହାଡ଼ିଆ ଅଞ୍ଚଳ ଏଭଳି ଘାସ ଚାଷ ପାଇଁ ଉପଯୁକ୍ତ । ଟାଙ୍ଗରା ଜମିରେ ଖୁବ ଶୀଘ୍ର ସବୁଜ ସୁନ୍ଦର ହୋଇ ଏହି ଝାଡୁ ଘାସ ବଢ଼ିଥାଏ । ଭାରତର ଉତ୍ତର-ପୂର୍ବାଞ୍ଚଳରେ ଏହାକୁ ସବୁଠାରୁ ଅଧିକ ଚାଷ କରାଯାଏ । ଏହି ଘାସ ସବୁ ପ୍ରକାର ନିଷ୍କାସନ ବ୍ୟବସ୍ଥା ରଖନ୍ତୁ ଏବଂ ଅନାବନା ଘାସ ନିୟନ୍ତ୍ରଣ କରନ୍ତୁ । ବର୍ଷା ଯଦି କମ ହୁଏ ତେବେ ଜଳସେଚନର ଆବଶ୍ୟକତା ପଡ଼ିପାରେ । ଟାଇଗର ଗ୍ରାସ୍ ସାଧାରଣତଃ ଶୀତଦିନରେ ଜାନୁଆରୀ ଫେବୃଆରୀ ମାସରେ କଟାଯାଏ । ଘାସର ଲମ୍ବାଲମ୍ବା ଫୁଲକୁ ଡେମ୍ଫ ପାଖରୁ କାଟି କିଛିଦିନ ଖରାରେ ଶୁଖାଇଲା ପରେ ଏହା ଛାଡୁ ତିଆରି ଲାଗି ଉପଯୁକ୍ତ ହୋଇଥାଏ । ଝାଡୁ ତିଆରି ପାଇଁ ପ୍ରାୟତଃ ୧ରୁ ଦେଢ଼ଫୁଟ ଲମ୍ବା ଡେମ୍ଫ ରଖିବାକୁ ପଡ଼େ । ୩୦ରୁ ୩୫ଟି ଫୁଲ ଗୋଟିଏ ଝାଡୁ ତିଆରି ପାଇଁ ଦରକାର । ଥରେ ଲଗାଯାଇଥିବା ଟାଇଗର ଗ୍ରାସ୍ ୪-୫ ଥର ଫୁଲ ଦେଇପାରିବ । ଏହାପରେ ଏହି ଗଛକୁ ସମ୍ପୂର୍ଣ୍ଣ କାଟି ପୁଣି ଥରେ ମଞ୍ଜି ବୁଣିବାକୁ କିମ୍ବା ନୂଆ ବୁଦା ଲଗାଇବାକୁ ପଡ଼େ । ଏହି ଘାସର ବଜାର ଦର କିଲୋପ୍ରତି ପ୍ରାୟ ୪୫ ଟଙ୍କା ।





# ପୋଡ଼ା ଦାଗ ଲିଭାଇବ ପଟି

ଆଇଆଇଟି ଦିଲ୍ଲୀର ତିନ ବିଦ୍ୟାର୍ଥୀ ଏପରି ଏକ ପଟି ପ୍ରସ୍ତୁତ କରିଛନ୍ତି ଯାହା ପୋଡ଼ାଦାଗର ଚିହ୍ନ ଦୂରେଇଦେବ । ସେକେଣ୍ଡ ଡିଗ୍ରୀ ବନ ଇଞ୍ଜୁରୀ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ । ଅର୍ଥାତ୍ ଚର୍ମର ଦ୍ୱିତୀ ସ୍ତର ପର୍ଯ୍ୟନ୍ତ ପହଞ୍ଚିଯାଇଥିବା । ପୋଷାକ୍ଷତର ଚିକିତ୍ସା ସହଜ ହେବ । ଆରାଧନା, କୀର୍ତ୍ତିକା ଏବଂ ଗୋପେନ୍ଦ୍ର ନାମକ ତିନି ବିଦ୍ୟାର୍ଥୀ ପ୍ରାଫସରମାନଙ୍କ ଦିଗଦର୍ଶନରେ ଏହି ପଟି ପ୍ରସ୍ତୁତ କରିଛନ୍ତି । ଏମସ ସହ ମିଶି ସେମାନେ ଏହାର ସଫଳ ପରୀକ୍ଷଣ କରିପାରିଛନ୍ତି । ସବୁଠାରୁ ଭଲ ଖବର ହେଉଛି, ଏଭଳି ପଟି ଆମେରିକା ପରି ଦେଶରେ ପୂର୍ବରୁ ମିଳୁଛି । ତେବେ ସେଠାରେ ଏହି କାମ କରୁଥିବା ପଟିର ମୂଲ୍ୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥିବାବେଳେ ଭାରତରେ ଏହାକୁ ୫୦୦ରୁ ୧୦୦୦ ଟଙ୍କା ମଧ୍ୟରେ କିଣାଯାଇପାରିବ ।

# ବାଦୁଡ଼ି ଡ୍ରୋନ୍: ଚାଷୀଙ୍କର ନୂଆ ସହାୟକ

ଚାଷକୁଳକୁ ସହାୟତା କରିବା ଲାଗି ଦେଶ ବିଦେଶର ବୈଜ୍ଞାନିକମାନେ ବିଭିନ୍ନ ଗବେଷଣା ଜାରି ରଖିଛନ୍ତି । ଏବେ ବୋଷ୍ଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏପରି ଏକ ଡ୍ରୋନ୍ ନିର୍ମାଣ କରିଛନ୍ତି ଯାହା ଦେଖିବାକୁ ବାଦୁଡ଼ି ଭଳି ଏବଂ ଖୁବ୍ ହାଲକା । ଉଡ଼ିବା ବେଳେ ଚଢ଼େଇ ପରି ଏହା ଡେଣା ଝାଡ଼ିଥାଏ । ଏହି ଡ୍ରୋନ୍ ବିଷଶଷକରି ପାଣିପାଗ ସମ୍ପର୍କରେ ସୂଚନା ଦେବା ସହିତ ଫସଲର ସୁରକ୍ଷା କରିବାରେ ଚାଷୀମାନଙ୍କୁ ସହାୟତା କରିବ । ଜରୁରୀକାଳୀନ ପରିସ୍ଥିତିରେ ସତର୍କ କରିବା ସହିତ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଡ୍ରୋନ ସହାୟତାରେ ଶତ୍ରୁ ଠାବ କରିବା, ଶତ୍ରୁପକ୍ଷ ଉପରେ ଦୃଷ୍ଟି ରଖିବା ଏବଂ ଉଦ୍ଧାର କାର୍ଯ୍ୟ ଆଦି କରିପାରିବେ । ବୋଷ୍ଟନ ନର୍ଥଲିଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ରୋବୋଟ ବିଶେଷଜ୍ଞ ଅଲିରେଜା ରାମେଜାନିଙ୍କ କହିବା ଅନୁସାରେ, ଏହି ଡ୍ରୋନ ପ୍ରକୃତିଠାରୁ ପ୍ରେରଣା ପାଇ କରାଯାଇଛି । କୃଷକମାନେ ଏହା ସହାୟତାରେ କୀଟନାଶକ ସିଞ୍ଚନ କରିବା ସହିତ ଫସଲ ଉପରେ ନଜର ରଖିପାରିବେ । ଅନ୍ୟାନ୍ୟ ବ୍ୟବହାରକାରୀ ଏହାକୁ ଫଟୋ ଉଠାଇବା, ଭିଡିଓଗ୍ରାଫି କରିବା ପରି ବ୍ୟକ୍ତିଗତ କାମରେ ଲଗାଇ ପାରିବେ । ଭବିଷ୍ୟତରେ ସହରର ସୁରକ୍ଷା କାମରେ ମଧ ଏହି ଡ୍ରୋନ ବ୍ୟବହାର କରିହେବ । ଏଥିରେ ଲାଗିଥିବା ଡେଣା ଭିନ୍ନଭିନ୍ନ ଆକାରରେ ମୋଡି ହୋଇପାରେ । ତେଣୁ ଅନ୍ୟ ଡ୍ରୋନ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଏହା ଯାଇପାରୁଛି । ଦେଖିବାକୁ ବାଦୁଡ଼ି ପରି ହୋଇଥିବା ବେଳେ ଏହାର ଓଜନ ମଧ ମାତ୍ର ୬୩ଗ୍ରାମ । ସିଲିକନ୍ ପରସ୍ତ ବ୍ୟବହାର କରାଯାଇ ଏହାର ଡେଣା ପ୍ରସ୍ତୁତ କରାଯାଇଛି । ଏବେ ଏଥିରେ ଆହୁରି କାମ ଚାଲିଥିବା ବେଳେ ଡ୍ରୋନଟି ବଜାରକୁ ଆସିବା ବେଳକୁ ଏଥିରେ ଜିପିଏସ୍, ସେନସର ଏବଂ କ୍ୟାମେରା ସହିତ ସାଟେଲାଇଟ୍ ଉପଯୋଗ ବ୍ୟବସ୍ଥା ସଂଯୁକ୍ତ କରାଯିବ ।





# କ୍ୟାଲସିୟମଯୁକ୍ତ ଖାଦ୍ୟ

ସର୍ବେକ୍ଷଣରୁ ଜଣାପଡ଼ିଛି, ଆଜିକାଲି ସଂଖ୍ୟାଧିକ ଲୋକେ ଆଣଣ୍ଠୁଗଣ୍ଠିଜନିତ ରୋଗରେ ଆକ୍ରାନ୍ତ । କ୍ୟାଲସିୟମ ଯୁକ୍ତ ଖାଦ୍ୟାଭାବରୁ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଥିବାର ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି ।


ନିୟମିତ ଭାବରେ କ୍ଷୀର ଓ ଦହି ସେବନ କରିବା ସହ ଦୁଗ୍ଧଜାତ ଦ୍ରବ୍ୟ ସେବନ କରିବା ଉଚିତ । ବୟସ୍କ ଲୋକେ ଏସବୁ ଖାଇବା ସହ ଯୁବପିଢ଼ି ଖାଇବା ଉପକାରୀ ।

ସୋୟାବିନ୍ ସିଝା କିମ୍ବା ତରକାରୀ ଖାଇଲେ ମଧ କ୍ୟାସିୟମ ଅଭାବ ଶରୀରରେ ହୋଇନଥାଏ । ୧୦୦ ଗ୍ରାମ୍ ସୋୟାବିନରେ ୨୭୭ ମିଲିଗ୍ରାମ କ୍ୟାଲସିୟମ ଥିବାର ଜଣାପଡ଼ିଛି ।




# ଖୁସି ରହିବାର ଉପାୟ

ନିଜ ଦୈନନ୍ଦିନ ଆହାର ଚର୍ଯ୍ୟାରେ ଫଳ ଓ ପନିପରିବାର ପରିମାଣ ବଢ଼ାନ୍ତୁ । ଏହା ଆପଣଙ୍କ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରିବ ଏ ବୋଲି ଗବେଷକଗଣ ଏ ତଥ୍ୟ ପ୍ରକାଶ କରିଛନ୍ତି । ନିୟମିତ ଫଳ ଓ ପନିପରିବା ଖାଉଥିବା ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ଖୁସି ରୁହନ୍ତି । ପ୍ରାୟ ୨୦ହଜାର ବ୍ୟକ୍ତିଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା । ୬ମାସ ଧରି ଏହା ଚାଲିଲା । ସର୍ବେକ୍ଷଣରୁ ଜଣାପଡ଼ିଲା, ୭% ଲୋକ ଯେଉଁମାନେ ନିୟମିତ ପନିପରିବା ଓ ଫଳ ଖାଉଛନ୍ତି, ସେମାନେ ମାତ୍ରାଧିକ ଖୁସିରେ ରହୁଛନ୍ତି । ଫଳରସ ପିଇବା ଅପେକ୍ଷା ସତେଜ ଫଳ ଖାଇବାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା । ପରିବାରେ ଫୁଲକୋବି ଓ ସବୁଜ କ୍ୟାପସିକମ ଖାଉଥିବା ବ୍ୟକ୍ତି ଅଧିକ ଖୁସି ରହୁଥିବାର ଲକ୍ଷ୍ୟ କରାଗଲା । ଏ ତଥ୍ୟଟି ଅଷ୍ଟ୍ରେଲିଆର ଗଣମାଧ୍ୟମ ମଧ ଏବେ ପ୍ରଚାର କରିବାରେ ଲାଗିଛି । ଗବେଷକଙ୍କ ମତରେ 'ଫଳଖାଆନ୍ତୁ, ଖୁସି ରୁହନ୍ତୁ' ।



# ଜୀବିତ ବ୍ୟକ୍ତିଙ୍କୁ କବର

ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ, କିନ୍ତୁ ଏପରି ଏକ ପରମ୍ପରା କ୍ୟୁବାରେ ପାଳନ କରାଯାଉଛି । ଏଠାରେ ବୁଜି ଫେଷ୍ଟିଭାଲ ନାମରେ ଏକ ପରମ୍ପରା ପାଳନ କରାଯାଏ । ଏଥିରେ ଜଣେ ଜୀଅନ୍ତା ମଣିଷକୁ ସେମାନେ କବର ଦିଅନ୍ତି । ତାଙ୍କୁ କଫିନରେ ବନ୍ଦ କରି ସହରଯାକ ବୁଲାଯାଏ । ତେବେ ସେହି ସମୟରେ କଫିନ୍ ଭିତରୁ ତାଙ୍କ ମୁଣ୍ଡଟି ପଦାକୁ ବାହାରିଥାଏ । କଫିନ୍ ପଛେ ପଛେ ଉକ୍ତ ବ୍ୟକ୍ତିଙ୍କ ବନ୍ଧୁବାନ୍ଧବ ଏବଂ ଅନ୍ୟ ଲୋକମାନେ ଯାଇଥାନ୍ତି । ସମସ୍ତେ ମଦପାନ କରିଥିବା ବେଳେ ତାଳି ବଜାଇ ନାଚିନାଚି ଚାଲିଥାନ୍ତି । ପୂରା ପାଚିଲା କେଶ ହୋଇଥିବା ଜଣେ ମହିଳା କଫିନରେ ଥିବା ଉକ୍ତ ବ୍ୟକ୍ତିଙ୍କ ବିଧବା ପତ୍ନୀ ଭାବେ ଅଭିନୟ କରୁଥିବାର ଦେଖାଯାଏ । ବ୍ୟକ୍ତିଙ୍କ ମୃତ୍ୟୁରେ ତାଙ୍କ ପତ୍ନୀ ଯାହା କରିଥାନ୍ତେ, ସେହି ମହିଳା ଠିକ୍ ସେପରି ଶୋକପ୍ରକାଶ କରନ୍ତି । କ୍ୟୁବାରେ ଗତ ୩୦ବର୍ଷରୁ ଅଧିକ ହେବ ଏଭଳି ପରମ୍ପରା ପାଳନ କରାଯାଉଛି ।



# ମଧୁମେହ ଓ ଉଚ୍ଚ ରକ୍ତଚାପ

ମଧୁମେହ ରୋଗରେ ଉଚ୍ଚ ରକ୍ତଚାପ ମିଶି ରହିଲେ ଏହା ଶରୀରର ଅଧିକ କ୍ଷତି କରେ । ରକ୍ତଚାପ ଉପର ଅଙ୍କ ୧୪୦ ଏବଂ ତଳ ଅଙ୍କ ୯୦ରୁ ଅଧିକ ରହିଲେ ଉଚ୍ଚ ରକ୍ତଚାପ (ହାଇପର ଟେନସନ) ହୋଇଛି ବୋଲି କୁହାଯାଏ । ଏହାର ଆଶଙ୍କା ମଧୁମେହ ରୋଗୀଙ୍କଠାରେ ଅଧିକ । ଏହି ଦୁଇ ରୋଗର ସଂଯୋଗ ହେଲେ ହୃଦରୋଗ, ହାତ ଗୋଡ଼ର ଧମନୀ ରୋଗ, ମସ୍ତିଷ୍କର ଷ୍ଟ୍ରୋକ୍, ପକ୍ଷାଘାତ (ପାରାଲିସିସ୍), ଆଖିର ରେଟିନା ରୋଗ ଅନ୍ଧତ୍ୱ, ଜଟିଳ ବୃକକ୍ ରୋଗ (ଏଣ୍ଡ ଷ୍ଟେଜ୍ କିଡନୀ ରୋଗ) ଅଧିକ ହୋଇଥାଏ । ମଧୁମେହ ରୋଗୀଙ୍କର ଉଚ୍ଚ ରକ୍ତଚାପ ରୋଗ କାହିଁକି ଅଧିକ ହୁଏ ତାର କାରଣ ଏପର୍ଯ୍ୟନ୍ତ ଭଲ ଭାବରେ ଜଣାଯାଇନାହିଁ । ଧମନୀଗୁଡ଼ିକରେ କୋଲେଷ୍ଟେରଲ ଅଧିକ ଜମା ହୋଇ ଧମନୀକୁ ସରୁ କରିଦେଲେ ଉଚ୍ଚ ରକ୍ତଚାପ ରୋଗ ହୋଇଥାଏ । ଏହା ମୁଖ୍ୟତଃ ଏସେନସିଆଲ ହାଇପର-ଟେନସନ । ମଧୁମେହ ଓ ହାଇପର -ଟେନସନ ରହିଲେ ଉଭୟ ରୋଗକୁ ଚିକିତ୍ସା କରି ନିୟନ୍ତ୍ରିତ କରିବାକୁ ପଡ଼େ । ଏଥିରେ ମଧୁମେହର ମାତ୍ରା ଯଥା ଏଚବିଏୱାନସିକୁ ୭ ତଳେ ରଖାଯାଏ ଏବଂ ଉଚ୍ଚ ରକ୍ତଚାପ ମାତ୍ରା ୧୨୦/୮୦ ତଳେ ରଖିବାକୁ ଚେଷ୍ଟା କରାଯାଏ । ବିନା ଔଷଧରେ ଉଚ୍ଚ ରକ୍ତଚାପ କମାଇବା ପାଇଁ ଜୀବନଶୈଳୀ ସଂକ୍ରାନ୍ତ ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ । ଦୈନିକ ପ୍ରାତଃ ଭ୍ରମଣ, ବ୍ୟାୟାମ, ଜିମରେ ଓଜନ ଉଠାଇବା, ସନ୍ତରଣ, ଯୋଗ, ପ୍ରାଣାୟାମ, ପିଲେଟ୍, ସାଇକଲ ଚାଳନା , ଦୌଡ଼ିବା, ଶାରୀରିକ ପରିଶ୍ରମ ଭଳି କାର୍ଯ୍ୟ ଦୈନିକ ପ୍ରାୟ ଏକ ଘଣ୍ଟା କରିବା ଆବଶ୍ୟକ । ଧୂମପାନ, ମଦପାନ ଛାଡ଼ିଦେବା ଭଲ । ୨୪ଘଣ୍ଟାରେ ଖାଦ୍ୟରେ ଖାଇବା ଲୁଣର ପରିମାଣ ଅଢ଼େଇ ଗ୍ରାମରୁ ବେଶୀ ହେବା ଭଲ ନୁହେଁ । ଉଚ୍ଚ ରକ୍ତଚାପ କମାଇବା ପାଇଁ 'ଡାସ୍' ଡାଏଟ୍ ଖାଇବାକୁ ଉପଦେଶ ଦିଆଯାଏ । ଏହାର ପୂର୍ଣ୍ଣରୂପ ହେଲା-ଡାଏଟାରୀ ଆପ୍ରୋଚେସ୍ ଟୁ ଷ୍ଟପ୍ ହାଇପର-ଟେନସନ । ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ଦୈନିକ, ଭାତ, ଡାଲି, ରୁଟି, ଫଳ, ସଜ ପନିପରିବା, ତେଲ, ଘିଅ ସଠିକ୍ କ୍ୟାଲୋରୀ ଖାଦ୍ୟ ଖାଇବା ଉଚିତ । ଏଥିରେ ଦୈନିକ କୋଲେଷ୍ଟେରଲ ଥିବା ଖାଦ୍ୟ ୧୫୦ ଗ୍ରାମରୁ ଅଧିକ ଖାଇବା ପାଇଁ ମନା କରାଯାଏ । ଲବଣ ମାଧ୍ୟରେ ଆବଶ୍ୟକ ପଟାସିୟମ ଓ ମ୍ୟାଗ୍ନେସିୟମ ଖାଇବାକୁ ପଡ଼େ । ସାଧାରଣ ଖାଇବା ଲୁଣର ମାତ୍ରା ଦୈନିକ ଅଢ଼େଇ ଗ୍ରାମ ଦିଆଯାଏ । ସଠିକ୍ ସଜନ ପାଇଁ ବିଏମଆଇ (ବଡିମାସ୍ ଇର୍ଡେକ୍ସ) ୨୫ ତଳେ ରଖାଯାଏ । ଏହି ଚିକିତ୍ସାରେ ରକ୍ତଚାପ ମାତ୍ରା ୧୪୦/୯୦ ତଳେ ନରହିଲେ ଡାକ୍ତରୀ ଔଷଧ ଖାଇବାକୁ ଦିଆଯାଏ । ଏହି ଔଷଧଗୁଡ଼ିକ ହେଲେ ଡାଇୟୁରେଟିକ୍, ଏସିଇ ଇନହିବିଟର, ଏ.ଆର ବି ବିଟା ବ୍ଲକସ, କ୍ୟାଲସିୟମ ଚାନେଲ ବ୍ଲକର୍ସ ଇତ୍ୟାଦି । ସାଧାରଣତଃ ଉଚ୍ଚ ରକ୍ତଚାପ କମାଇବା ପାଇଁ ଦୁଇ ତିନି ପ୍ରକାର ଔଷଧ ମିଶାଇ ଖାଇବାକୁ ଆବଶ୍ୟକ ହୋଇଥାଏ । ମଧୁମେହ ରୋଗରେ କିଡନୀ ଆକ୍ରାନ୍ତ ହୋଇ ପରିସ୍ରାରେ ଆଲବୁମିନ ଆସିଲେ ଏସିଇ ଇନହିବିଟର ଓ ଏଆର ବି ଔଷଧ ଅଲଗା ଅଲଗା ଦିଆଯାଏ । ମଧୁମେହ ରୋଗରେ ହୃଦଘାତ ହୋଇଥିଲେ ବିଟ୍ୟ ବ୍ଲକସ ଖାଇବାକୁ ଦିଆଯାଏ । ତିନି ଚାରିପ୍ରକାର ଔଷଧ ନିର୍ଦ୍ଧାରିତ ସମୟ ଖାଇଲା ପରେ ଯଦି ଉଚ୍ଚ ରକ୍ତଚାପ ଆୟତ୍ତ ନ ହୁଏ, ଏହାକୁ ରେଜିଷ୍ଟାଣ୍ଟ ହାଇପର - ଟେନସନ୍ କୁହାଯାଏ । ସେଥିପାଇଁ, ରୋଗୀ ଦେହରେ ମେସିନ୍ ବାନ୍ଧି ରୋଗୀ ଚଲାବୁଲା କରୁଥିବା ଏବଂ ଶୋଇଲାବେଳେ ଉଚ୍ଚ ରକ୍ତଚାପ ମପାଯାଏ । ଏହାକୁ ଆମ୍ବୁ ଲେଟରୀ ବ୍ଲଡପ୍ରେସର ମାପିବା କୁହାଯାଏ ଏଥିରେ ଉଚ୍ଚ ରକ୍ତଚାପ ଲାଗିରହିଲେ ବିଶେଷଜ୍ଞ ଡାକ୍ତରମାନେ ସଘନ ଚିକିତ୍ସା କରିଥାନ୍ତି । ମଧୁମେହ, ଉଚ୍ଚରକ୍ତଚାପ କମାଇବା ପାଇଁ ସୁସ୍ଥ ଜୀବନଶୈଳୀ ଏକାନ୍ତ ଆବଶ୍ୟକ । ଏହି ଦୁଇ ରୋଗ ଅଛି ବୋଲି ଜଣାପଡ଼ିଲା ପରେ ପ୍ରତି ତିନିମାସରେ ସରକାରୀ ଡାକ୍ତରଖାନା ମାନଙ୍କରେ ଏଚବିଏୱାନସି, ରକ୍ତଚାପ ମାପିବା, କୋଲେଷ୍ଟେରଲ ପରିମାଣ ୧୫୦ ତଳେ ରଖିବା କିଡନୀ ପାଇଁ କ୍ରିଏଟିନିନ ପରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ।






# ଅଦରକାରୀ ଉପକାର ଦେବ

ଅସରପା ସମସ୍ୟା ପ୍ରାୟତଃ ପ୍ରତ୍ୟେକ ଘରେ ଥିବ । ଏଥିରୁ ମୁକ୍ତି ପାଇବା ଲାଗି ବଡ଼ ଚାମଚରେ ୨ଚାମଚ ଲେଖାଏ ବୋରିକ୍ ପାଉଡର ଏବଂ ଗହମ ଅଟା ନେଇ ଏଥିରେ କ୍ଷୀର ମିଶାଇ ଚକଟିଦେବେ । ଏହାର ଛୋଟଛୋଟ ଗୁଳା କରି ଅସରପା ହେଉଥିବା ସ୍ଥାନରେ ରଖିଦିଅନ୍ତୁ ।

ବହି ଥାକରେ କିଛି ଶୁଖିଲା ନିମପତ୍ର ରଖିଦେଲେ ପୋକ ଲାଗିବେନି । ଚନ୍ଦନ କାଠ ବି ସେଠାରେ ରଖିପାରନ୍ତି । ଘରେ ବେଶୀ କଳାପିମ୍ପୁଡ଼ି ହେଉଥିଲେ ସେସବୁ ଜାଗାରେ ଅଳ୍ପ ଅଟା, ଚିନି ଏବଂ ହଳଦି ମିଶାଇ ପକାଇ ଦିଅନ୍ତୁ । ପିମ୍ପୁଡ଼ି ପଳାଇବେ ।

ଫୁଲଦାନିରେ ରଖୁଥିବା ଫୁଲ ବେଶୀଦିନ ସତେଜ ରଖିବାକୁ ଚାହୁଁଥିଲେ ପାଣିରେ କିଛି ସେନେଅପ ବା ସୋଡ଼ା ମିଶାଇ ଦିଅନ୍ତୁ । ନଚେତ୍ ଅଳ୍ପ ଲୁଣ ଏବଂ ଚିନି ମିଶାଇ ପାରିବେ । ଏହି ପାଣିକୁ ପ୍ରତିଦିନ ବଦଳାଇବା ଉଚିତ । ଫୁଲ ସତେଜ ରହିବ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୯ ଜୁନ୍ ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସଂଗ୍ରାମର ଯବନିକା...

ପରପାରିକୁ ଚାଲି ଯାଇଛନ୍ତି ବେଆଇନ୍ (କାର୍ଯ୍ୟକଳାପ) ପ୍ରତିରୋଧ ଆଇନ (ୟୁଏପିଏ)ରେ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବରେ ହାଜତରେ ଥିବା ୮୪ ବର୍ଷୀୟ ଫାଦର ଷ୍ଟେନ୍ ସ୍ୱାମୀ- ଜଣେ ସମାଜ କର୍ମୀ ଯିଏକି ଝାଡ଼ଖଣ୍ଡର ଜନଜାତି ଲୋକମାନଙ୍କ ଅଧିକାର, ଯଥା ସେମାନଙ୍କୁ ନିଜ ଭିଟାମାଟିରୁ ହଟାଇ ଦିଆଯିବାର ପ୍ରତିବାଦ କରିବା ପାଇଁ ତଥା ଯୁବ ଆଦିବାସୀମାନେ ପ୍ରତିବାଦ କଲେ ସେମାନଙ୍କୁ ମାଓବାଦୀ ଭାବରେ ଗିରଫ କରାଯିବା ବିରୁଦ୍ଧରେ ଆଜୀବନ ସଂଘର୍ଷ କରି ଆସିଥିଲେ । ଷ୍ଟେନ୍‌ଙ୍କ ମୃତ୍ୟୁ ଅବଶ୍ୟ ଏକ ହତ୍ୟା ନଥିଲା, କିନ୍ତୁ ଥିଲା ଧୀରେ ଧୀରେ ମୃତ୍ୟୁର ବାହୁପାଶକୁ ଚାଲିଯିବା । ଗତ ବର୍ଷ ଅକ୍ଟୋବର ମାସରେ ତାଙ୍କୁ ଗିରଫ କରାଯାଇଥିଲା ଏଲ୍‌ଗାର ପରିଷଦ ମାମଲାରେ, ଯେମିତି ଏହି ମାମଲାରେ ଗିରଫ କରାଯାଇଥିଲା କିଛି କବି, ଶିକ୍ଷକ ଏବଂ ଓକିଲମାନଙ୍କୁ । ଗିରଫ କରାଯିବା ବେଳେ ସେ ବୟସ୍କ ତ ହୋଇଯାଇଥିଲେ, ପରନ୍ତୁ ଥିଲେ ସକ୍ରିୟ । ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି, କିନ୍ତୁ ତା' ପୂର୍ବରୁ ଗିରଫ ହେବା ବେଳକୁ ତାଙ୍କର ପାର୍କିନ୍‌ସନ୍'ସ୍ ରୋଗ ସହିତ କୋଭିଡ୍-୧୯ ସଂକ୍ରମିତ ହେବା ଭଳି ଅସୁସ୍ଥତାର ଏକ ଇତିହାସ ଥିଲା । ବିରୋଧାଭାସର କଥା ହେଉଛି, ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଅବନତି ଘଟି ଚାଲିଥିଲେ ସୁଦ୍ଧା ମାଓବାଦୀମାନଙ୍କ ସହିତ ସମ୍ପର୍କ ରଖିଥିବା ଅଭିଯୋଗରେ ଗିରଫ ସ୍ୱାମୀଙ୍କୁ ଜାମିନ ମିଳି ନଥିଲା ଏବଂ ସେ ହାଜତରେ ହିଁ ମୃତ୍ୟୁବରଣ କରିଥିଲେ । ତାଙ୍କ ପ୍ରତି ସରକାରଙ୍କ ମନୋଭାବ କିପରି ଥିଲା, ତାହା ପ୍ରମାଣିତ ହୋଇ ଯାଇଥିଲା ସେତିକି ବେଳେ, ଯେତେବେଳେ ତାଙ୍କୁ କୌଣସି ପାନୀୟ ପିଇ ପାରୁ ନଥିବାରୁ ଷ୍ଟ୍ରଟିଏ ପାଇବା ନିମନ୍ତେ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଥିଲା । ଗତ ମେ' ମାସରେ ସେ ଅସୁସ୍ଥତା ଯୋଗୁଁ ଆଉ ବେଶୀଦିନ ବଞ୍ଚିବେ ନାହିଁ ବୋଲି କହିବା ସତ୍ତ୍ୱେ ତାଙ୍କ ଅନ୍ତରୀଣ ଜାମିନ ପ୍ରଦାନ କରାଯିବାକୁ ମନା କରି ଦିଆଯାଇଥିଲା । ଆଉ ତାଙ୍କ ଡାକ୍ତରୀ ଜାମିନ ଆବେଦନର ଶୁଣାଣି ହେବା ପୂର୍ବରୁ ସେ ଚାଲିଗଲେ ଅଫେରା ରାଇଜକୁ । ଷ୍ଟେନ୍ ସ୍ୱାମୀଙ୍କ ମୃତ୍ୟୁ ତିନିଗୋଟି ପ୍ରମୁଖ ପ୍ରସଙ୍ଗକୁ ସାମ୍ନାକୁ ଆଣେ । ପ୍ରଥମଟି ହେଉଛି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ଦୃଢ଼ ଘୋଷଣା ଯେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ବାଦ୍ ଦେଲେ ଜାମିନ ନିୟମ ଏବଂ ଜେଲ୍ ବ୍ୟତିକ୍ରମ ହେବା ଉଚିତ ସତ୍ତ୍ୱେ ଦଣ୍ଡବିଧାନକାରୀ ବା ତଦନ୍ତକାରୀ ଏଜେନ୍ସିମାନଙ୍କ ପରାମର୍ଶକ୍ରମେ ଜାମିନ ପ୍ରଦାନ କରିବାର ଅଭ୍ୟାସଗତ ନାସ୍ତିବାଚକ ବାଣୀ ଶୁଣାଇବା । ଷ୍ଟେନ୍ ଗିରଫ ହୋଇଥିଲେ ୟୁଏପିଏ ଅଧୀନରେ ଯାହା ଜାମିନ ମିଳିବାକୁ କଷ୍ଟକର କରିଥିଲା, କିନ୍ତୁ ପୂର୍ବରୁ ସୁପ୍ରିମକୋର୍ଟ ଏହା ମଧ୍ୟ କହିଥିଲେ ଯେ ଏମିତିକି ଯଦି ଜଣେ ଆତଙ୍କବାଦ-ବିରୋଧୀ ଏବଂ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଗିରଫ ହୋଇଥାନ୍ତି ଏବଂ ତାଙ୍କର ତୁରନ୍ତ ବିଚାର କରାଯିବାର କୌଣସି ସମ୍ଭାବନା ନଥାଏ, ତା'ହେଲେ ସେହି ଅଭିଯୁକ୍ତ ଜାମିନ ପାଇବା ଯୋଗ୍ୟ ବିବେଚିତ ହେବେ । ଏଲ୍‌ଗାର ପରିଷଦ ମାମଲାରେ ଗିରଫ ହୋଇଥିବା ଷ୍ଟେନ୍ ସ୍ୱାମୀ ଏବଂ ଅନ୍ୟମାନଙ୍କୁ ଜାମିନ ପ୍ରଦାନରୁ ବଞ୍ଚିତ କରାଯିବା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାବଳୀର ବିରୋଧାଚରଣ କରୁଥିବା ବେଳେ ଅଭିଯୁକ୍ତମାନଙ୍କୁ ଅପରାଧୀଙ୍କ ଭଳି ବ୍ୟବହାର ପ୍ରଦର୍ଶନ କରାଯିବା ନ୍ୟାୟିକ ନୀତିର ବିରୋଧାଚରଣ କରିଥାଏ । ଏହା ବାଦ୍ ରହିଛି ମାନବିକତାର ପ୍ରଶ୍ନ । 'ଅର୍ବାନ୍ ନକ୍ସଲ' ଭାବରେ ଆଖ୍ୟାୟିତ କରାଯାଇ ଗିରଫ କରାଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବରିଷ୍ଠ ନାଗରିକ ଏବଂ ବିଭିନ୍ନ ପ୍ରକାରର ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ସେମାନେ ଆକ୍ରାନ୍ତ । ସେମାନଙ୍କୁ ଯେଉଁଭଳି ଭାବରେ ବ୍ୟବହାର ପ୍ରଦର୍ଶନ କରାଯାଉଛି, ସେପରି ଲକ୍ଷ୍ୟଭୁକ୍ତ ବ୍ୟବହାରରେ ସହାନୁଭୂତିଶୀଳତାର ଅଭାବ ରହିଥିବା ଦେଖିବାକୁ ମିଳିଥାଏ । ଉଦାହରଣ ଭାବରେ ନିଆଯାଇପାରେ ଷ୍ଟେନ୍ ସ୍ୱାମୀଙ୍କ ସହବନ୍ଦୀ ବାର୍ବରା ରାଓଙ୍କ କଥାକୁ । ଏହି ବରିଷ୍ଠ ନାଗରିକଙ୍କ ପରିବାରବର୍ଗଙ୍କ ବାରମ୍ବାର ଉଦ୍ୟମ ସତ୍ତ୍ୱେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉଭୟ ବାର୍ବରା ଏବଂ ଷ୍ଟେନ୍ କୋଭିଡ୍-୧୯ ପଜିଟିଭ୍ ଥିଲେ; ହସ୍‌ପିଟାଲର ପରାମର୍ଶ ସୁଦ୍ଧା ସେମାନଙ୍କ ପାଇଁ ସହାୟକ ହୋଇ ନଥିଲା । କାରଣ ଅବହେଳା ପ୍ରଦର୍ଶନ କରିବା ମଧ୍ୟ ଏକ ଅସ୍ତ୍ର । ଏବଂ ଶେଷରେ, ଯିଏ ବି ସରକାରଙ୍କ ବିରୋଧରେ କିଛି ଅସନ୍ତୋଷ ବ୍ୟକ୍ତ କରିବା ବା ଭିନ୍ନମତ ପ୍ରକାଶ କରିବ, ତାଙ୍କୁ ଜାମିନ ପ୍ରଦାନ ନ କରି ଦୀର୍ଘଦିନ ପର୍ଯ୍ୟନ୍ତ ଅଟକ ରଖିବା ବି ଏକ ପ୍ରକାରର ଦଣ୍ଡ ପ୍ରଦାନ କରିବା । ଷ୍ଟେନ୍ ସ୍ୱାମୀ ଏବଂ ତାଙ୍କର ସହବନ୍ଦୀମାନେ ସମାଜର ଦଳିତ, ନିଷ୍ପେଷିତମାନଙ୍କ ତ୍ରାଣକର୍ତ୍ତା ସଦୃଶ ଥିଲେ । ସେମାନଙ୍କ କ୍ଷେତ୍ରରେ ଯାହା କାଳ ସାଜିଛି, ତାହା ହେଉଛି ରାଜନୀତିକ ଅନୁଦାରବାଦ, ଯାହା ସାମ୍ପ୍ରତିକ ସମୟରେ ଏକ ମୌଳିକ ସମସ୍ୟା ରୂପେ ଉଭା ହୋଇଛି । ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦେଶର ପ୍ରମୁଖ ଆତଙ୍କବାଦ-ବିରୋଧ ସଂସ୍ଥା । କିନ୍ତୁ ଏହି କ୍ଷେତ୍ରରେ ସ୍ୱାମୀଙ୍କର କୌଣସି ହିଂସାକାଣ୍ଡରେ ସମ୍ପୃକ୍ତ ଥିବାର ପ୍ରମାଣ ନଥିଲେ ସୁଦ୍ଧା ଏନ୍‌ଆଇଏ କେବଳ ତାଙ୍କୁ ମନଗଢ଼ା ଅଭିଯୋଗରେ ଗରିଫ କରି ନଥିଲା, ବରଂ ତାଙ୍କର ବୟସ ଓ ସ୍ୱାସ୍ଥ୍ୟଗତ ଜଟିଳତା ସତ୍ତ୍ୱେ 'ସମାଜର ସାମୂହିକ ସ୍ୱାର୍ଥ' ର ଦ୍ୱାହି ଦେଇ ତାଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲା । ବମ୍ବେ ହାଇକୋର୍ଟ ମଧ୍ୟ ରାଞ୍ଚିରେ ରହିବାର ସ୍ୱାମୀଙ୍କ ଶେଷଇଚ୍ଛା ସମ୍ବଳିତ ଜାମିନ ଆବେଦନକୁ ବିଲମ୍ବିତ କରାଇଥିଲା । ସ୍ୱାମୀଙ୍କ ମୃତ୍ୟୁ ଶାସନ କାଳରୁ ଏହାର ପଦ୍ଧତିରେ ସୁଧାର ଆଣିବା ସହିତ କୋର୍ଟମାନଙ୍କୁ ସେମାନଙ୍କ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ କ୍ଷୀପ୍ରତା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ନାଗରିକମାନଙ୍କୁ ମାନବିକତାର ଭାଷା କହିବାକୁ ବାଧ କରିବା ଆଶା କରାଯାଏ ।

# ଜନଜାତି ମହିଳାଙ୍କ ସ୍ୱାସ୍ଥ୍ୟ ସେବା



**ଡକ୍ଟର ଲକ୍ଷ୍ମଣ ସାହୁ**

ପ୍ରତ୍ୟେକ ମହିଳାମାନଙ୍କ ଭଳି କର୍ମଜୀବୀ ଜନଜାତି ମହିଳା ସୃଜନ ଓ ଜୀବନର ଚକ୍ର ଅକ୍ଷ ସଦୃଶ । ସେମାନଙ୍କର ଖରାପ ସ୍ୱାସ୍ଥ୍ୟ ସମାଜ ପାଇଁ ନିରାଶା ସୃଷ୍ଟି କରେ । ସେମାନଙ୍କ ସ୍ୱାସ୍ଥ୍ୟସେବାର ଅଧିକ ଆବଶ୍ୟକତା ରହିଛି । ଆଶ୍ଚର୍ଯ୍ୟର କଥା ସେମାନଙ୍କୁ ସ୍ୱାସ୍ଥ୍ୟ ସୁବିଧାଠାରୁ ଦୂରରେ ରଖାଯାଉଛି । ଆଜି ବି ଦୁର୍ଗମ ଆଚ୍ଛାଦିତ ଅଞ୍ଚଳର ମହିଳାମାନେ ମୌଳିକ ସ୍ୱାସ୍ଥ୍ୟ ସୁବିଧାଠାରୁ ବହୁ ଦୂରରେ ଅଛନ୍ତି । ଯେକୌଣସି ସମାଜର ସ୍ଥିତି ମହିଳାମାନଙ୍କ ସ୍ଥିତିକୁ ନେଇ ମୂଲ୍ୟାଙ୍କନ କରାଯାଏ । ଏକଥା ଭାରତର ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକରଙ୍କର କହିଥିଲେ । ଏହାକୁ ସମଗ୍ର ବିଶ୍ୱରେ ସାମାଜିକ ବିକାଶର ଏକ ମାପ ଭାବରେ ଦେଖାଯାଇପାରେ । ସମ୍ବିଧାନର ପ୍ରଣେତାମାନେ ନିଶ୍ଚିତ ଭାବରେ ଜନସଂଖ୍ୟାର ସ୍ୱାସ୍ଥ୍ୟକୁ ଆଲୋଚନାର କେନ୍ଦ୍ରରେ ରଖିଛନ୍ତି । ଫଳସ୍ୱରୂପ, ଜାତୀୟ ସ୍ୱାସ୍ଥ୍ୟ ନୀତି କାର୍ଯ୍ୟକାରୀ ହେଲା । କିନ୍ତୁ ମହିଳା-କେନ୍ଦ୍ରିତ ସ୍ୱାସ୍ଥ୍ୟ ନୀତିର ମୌଳିକ ଧାରଣା କେବେବି ଜାତୀୟ ଗର୍ବର ପ୍ରଶ୍ନ ହୋଇନାହିଁ ।

ପୁନରୁଦ୍ଧାର ସମୟରେ ଏହି ଆଦିବାସୀ ଅଞ୍ଚଳରେ ସର୍ବାଧିକ ସଂଖ୍ୟକ ମୃତ୍ୟୁ ପ୍ରମାଣିତ କରେ ଯେ ଚିକିତ୍ସା ସେବା ଏବଂ ଆୟୁଷ ମଧ୍ୟରେ ସମନ୍ୱୟ ଭାଙ୍ଗୁଛି । ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପାଇଁ ମଧ୍ୟ ସେମାନଙ୍କୁ ଆଦିବାସୀ ଅଞ୍ଚଳରୁ ସହର ନିକଟସ୍ଥ ସ୍ଥାନକୁ ଯିବାକୁ ପଡିବ । ଖରାପ ସ୍ୱାସ୍ଥ୍ୟ ସେବା କେବଳ ସେମାନଙ୍କର ଅକାଳ ମୃତ୍ୟୁ ନୁହେଁ, ବରଂ ସେମାନଙ୍କୁ ସାମାନ୍ୟ ତମ ରୋଗରୁ ରକ୍ଷା କରିବାରେ ବିଫଳ ହେଉଛି । ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟଗତ ଚିକିତ୍ସା ସୁବିଧା ପାଇଁ ହାରାହାରି ୨.୨୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ଏହାର ଲାଭ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରେ ନାହିଁ । ବିକାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସର୍ବଭାରତୀୟ ସ୍ତରରେ ଗ୍ରହଣ କରାଯାଇଥିଲା । କିନ୍ତୁ ପରିବର୍ତ୍ତିତ ସମୟ ସହିତ ଅର୍ଥନୈତିକ ପ୍ରଗତି ମାପରେ, ସ୍ୱାସ୍ଥ୍ୟ ଭିତ୍ତିଭୂମି ଭୁଶୁଡ଼ି ପଡିଛି । ଏହା ଉପରେ ଧ୍ୟାନ ଦେଇ ଜାତୀୟ ସ୍ୱାସ୍ଥ୍ୟ ନୀତି ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଯାହା ଦ୍ୱାରା କେବଳ ସହରାଞ୍ଚଳ ନୁହେଁ, ଉପତ୍ୟକାରେ ବାସ କରୁଥିବା ଆଦିମ ଜନଜାତିମାନେ ସ୍ୱାସ୍ଥ୍ୟର ଉପକାର ପାଇପାରିବେ । ବିଡମ୍ବନାର ବିଷୟ, ସ୍ଥାୟୀ ବିକାଶ ପ୍ରକ୍ରିୟାର କ୍ରମାଗତ ପର୍ଯ୍ୟାୟରେ ପ୍ରାଥମିକ ସ୍ୱାସ୍ଥ୍ୟ ସମସ୍ୟାକୁ ଅଣଦେଖା କରାଯାଉଛି । ଯାହା ଫଳରେ ଆର୍ଥିକ ଏବଂ ସାମାଜିକ ଅସୁବିଧା ଅପେକ୍ଷା ଆଦିବାସୀ ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ବହୁତ କଷ୍ଟସାଧ ହୋଇ ପଡିଛି । ଏକ ରିପୋର୍ଟ ଅନୁଯାୟୀ, ଆଦିବାସୀ ଅଞ୍ଚଳରେ ମହିଳାମାନଙ୍କୁ ସୁସ୍ଥ ଜୀବନଯାପନ ଯୋଗାଇବାରେ ତୀବ୍ର ହ୍ରାସ ଘଟିଛି ।

ଗତ ଏକ ବର୍ଷ ମଧ୍ୟରେ ମହାମାରୀରୁ ଉପୁଜିଥିବା ପରିସ୍ଥିତି, ସେମାନଙ୍କ ଆର୍ଥିକ ସ୍ଥିତିରେ ବ୍ୟାପକ କ୍ଷତି ଘଟାଇଛି । ତେଣୁ ସେମାନଙ୍କ ଜୀବନ ଶୈଳୀରେ ଆପୋଷ ବୁଝାମଣା କରିବାକୁ ପଡିବ । ବିଶେଷ କରି ପୁରୁଷଙ୍କ ତୁଳନାରେ ଆଦିବାସୀ ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ବିଭିନ୍ନ ଆଦିବାସୀ କ୍ଷେତ୍ରକୁ ଆଧାର କରି ସ୍ୱାସ୍ଥ୍ୟ ରିପୋର୍ଟରେ ଦର୍ଶାଯାଇଛି ଯେ, ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ୬୪.୨ ପ୍ରତିଶତରୁ ଅଧିକ ଆଦିବାସୀ ମହିଳାଙ୍କ ସ୍ୱାସ୍ଥ୍ୟ ୧୮.୫ ରୁ କମ୍ ରହିଛି । ଝାଡଖଣ୍ଡ ଆଦିବାସୀ ଅଞ୍ଚଳରେ ୮୨ ପ୍ରତିଶତ ମହିଳା ହାରାହାରି ୭୩ ପ୍ରତିଶତ ତୁଳନାରେ ରକ୍ତହୀନ ଅଟନ୍ତି । ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରେ ୪୩ ପ୍ରତିଶତ ଆଦିବାସୀ ମହିଳା ପ୍ରଜନନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେଠାରେ ଚିକିତ୍ସା କିମ୍ବା ପରାମର୍ଶ ନେଉନାହାଁନ୍ତି । ମା'ର ସ୍ୱାସ୍ଥ୍ୟ ଖରାପ ହେତୁ ଅଧିକାଂଶ ଶିଶୁ ଅକାଳରେ ଜନ୍ମ ହୁଅନ୍ତି । ଅଧିକାଂଶ ଆଦିବାସୀ ଅଞ୍ଚଳରେ, ତିନି ବର୍ଷରୁ କମ୍ ପିଲାମାନଙ୍କର ସତୁରି ପ୍ରତିଶତ କମ୍ ଓଜନ ବିଶିଷ୍ଟ । କେବଳ ଅଠର ପ୍ରତିଶତ ଗର୍ଭବତୀ ଆଦିବାସୀ ମହିଳା ଟିଟାନସ୍ ଟିକା ପାଇଥିବା ବେଳେ ୧୨ ପ୍ରତିଶତ ଫୋଲିକ୍ ଆଇରନ୍ ଟାବଲେଟ୍ ପାଇଥାନ୍ତି । ପାରମ୍ପାରିକ ଉପାୟରେ ଘରେ ଅଣସ୍ତରି ପ୍ରତିଶତ, ଅନ୍ୟାନ୍ୟ ମାଧ୍ୟମରେ ବା ବନ୍ଧୁ ଦ୍ୱାରା ଚବିଶ ପ୍ରତିଶତ, ସାତ ପ୍ରତିଶତ ଡାକ୍ତର ବା ଆଶା କର୍ମୀ ଦ୍ୱାରା କରାଯାଇଥାଏ ।

ବହୁତ ଶୀଘ୍ର ସନ୍ତାନ ଜନ୍ମ କରିବା ମଧ୍ୟ ମାତାର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ଜନ୍ମଜାତ ଶିଶୁମାନେ ମଧ୍ୟ ବିପଦରେ ପଡିଥାନ୍ତି । ଏହି ଅଞ୍ଚଳରେ ଅଧିକାଂଶ ମୃତ୍ୟୁ ଝାଡ଼ା ଏବଂ ଶ୍ୱାସକ୍ରିୟା ଜନିତ ରୋଗରେ ହୋଇଥାଏ । ବର୍ତ୍ତମାନ ଦେଶରେ ତିନି ସ୍ତରୀୟ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଅଛି । ନିମ୍ନ ସ୍ତରରେ ଏହାର ଗ୍ରାମାଞ୍ଚଳର କିମ୍ବା ସମ୍ପ୍ରଦାୟ ସ୍ତରର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି । ଦ୍ୱିତୀୟ ସ୍ତରରେ ଜିଲ୍ଲା ଡାକ୍ତରଖାନା ଆକାରରେ ଜିଲ୍ଲା ସ୍ତରୀୟ ମାଧ୍ୟମିକ ସ୍ୱାସ୍ଥ୍ୟ ସୁବିଧା ଅଛି । ଏଠାରେ ଅତ୍ୟାଧୁନିକ ଯନ୍ତ୍ର ସେବା ସହିତ ଏହାର ମୁଖ୍ୟ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକୁ ଅନୁସରଣ କରନ୍ତି । ଏସବୁ ଡାକ୍ତରଖାନାଗୁଡ଼ିକରେ ଉପଲବ୍ଧ ମୌଳିକ ସୁବିଧା ଗୁଡିକ ମଧ୍ୟରେ ଅଧିକାଂଶ ଜିଲ୍ଲା ଡାକ୍ତରଖାନାରେ ଶହେରୁ ପାଞ୍ଚ ଶହ ଶଯ୍ୟା ଅଛି, ଯାହା ପ୍ରତ୍ୟେକ ଜିଲ୍ଲାର ଏକ ଲକ୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କ ସେବା କରିଥାଏ । ଜିଲ୍ଲା ଡାକ୍ତରଖାନା ପାଇଁ ଭାରତୀୟ ଜନସ୍ୱାସ୍ଥ୍ୟ ମାନକ ନିର୍ଦ୍ଦେଶାବଳୀ ପ୍ରଥମେ ୨୦୦୭ ରେ ଜାରି କରାଯାଇଥିଲା । ପରେ ୨୦୧୨ ରେ ସଂଶୋଧିତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ମଲ୍ଟି-ସ୍ପେସିଆଲିଟି କେୟାର ପାଇଁ ଜିଲ୍ଲା ଡାକ୍ତରଖାନାକୁ ମଜବୁତ କରିବା ପାଇଁ ୨୦୧୭ ରେ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ୍ୟ ଏହା ବନ୍ଦ ହୋଇଯାଇଛି । ଅଶୀ ଦଶକରେ ଅନେକ ଜିଲ୍ଲା ଡାକ୍ତରଖାନାକୁ ବିଶେଷଜ୍ଞ କେନ୍ଦ୍ର ଭାବରେ ବିବେଚନା କରାଯାଉଥିଲା, କିନ୍ତୁ ବୈଷୟିକ ଜ୍ଞାନକ କୌଶଳ ଅଗ୍ରଗତି କରିବାରେ ବିଫଳ ହୋଇଥିବାରୁ ପରବର୍ତ୍ତୀ ବର୍ଷରେ ସେମାନଙ୍କର ଅବସ୍ଥା ଖରାପ ହୋଇଯାଇଥିଲା । ୧୯୯୦ ଦଶକ ମଧ୍ୟଭାଗରୁ ସ୍ୱାସ୍ଥ୍ୟ ସେବା ଘରୋଇ କ୍ଷେତ୍ରକୁ ଚାଲିଗଲା । ଜନସାଧାରଣଙ୍କ ସେବା ଉପରେ ଏହାର କ୍ଷତିକାରକ ପ୍ରଭାବ ପଡିଥିଲା ଏବଂ ଅନେକ ପରୋପକାରୀ ଡାକ୍ତରଖାନା ଅକାମୀ ହୋଇଥିବାରୁ ସେମାନଙ୍କୁ ବନ୍ଦ କରିବାକୁ ପଡିଲା । ମୁଖ୍ୟାଞ୍ଚଳରୁ ବିଚ୍ଛିନ୍ନ ହୋଇଥିବା ଆଦିବାସୀ ଅଞ୍ଚଳର ଅବସ୍ଥା ବିଗିଡି ଯାଇଥିଲା । ଅନ୍ୟ ପଟରେ ଅଧିକାଂଶ ଆଦିବାସୀ ମହିଳା ଝଡା-ଫୁଙ୍କା, ଚେଙ୍କ କିମ୍ବା ଘରୋଇ ଉପଚାର ରୋଗ ପାଇଁ ବ୍ୟବହାର କରନ୍ତି । ସଚେତନତା ସତ୍ତ୍ୱେ ବି ଅନ୍ଧବିଶ୍ୱାସରେ ବଶୀଭୂତ ହୋଇ ପଡୁଛନ୍ତି । ଏହା ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ବିକଳ୍ପ ନାହିଁ ।

ଜାତୀୟ ସ୍ୱାସ୍ଥ୍ୟ ନୀତିରେ ଆଦିବାସୀ ଗୋଷ୍ଠୀର ମହିଳାମାନଙ୍କ ପାଇଁ ମୌଳିକ ସେବାର ଆବଶ୍ୟକତା ସ୍ପଷ୍ଟ ଭାବରେ ଦର୍ଶାଯାଇଛି । ଏପରିକି ବାରଟି ରାଜ୍ୟର ସୁଦୂର ଆଦିବାସୀ ଅଞ୍ଚଳର ମହିଳାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏକ କେନ୍ଦ୍ରୀୟ ଯୋଜନା କମିଟି ଗଠନ କରାଯାଇଥିଲା । କିନ୍ତୁ ଫଳାଫଳ ସମାନ ଥିଲା । ଅଧିକାଂଶ ମହିଳା ଜଙ୍ଗଲ ଜାତ ଚେରି ମୂଳ ପତ୍ର କ୍ଷୀର ଔଷଧ ଉପରେ ନିର୍ଭରଶୀଳ । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର କ୍ଷେତ୍ରରେ ଏହି ମହିଳାମାନଙ୍କର ପ୍ରଦର୍ଶନ ବହୁତ ପଛରେ ଅଛି । ଖାଲି ସେତିକି ନୁହେଁ, ଏଠାରେ ଚିକିତ୍ସା ସମ୍ବଳର ବିସ୍ତାରର ଆବଶ୍ୟକତା ଅଛି । ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଡାକ୍ତରଖାନା, ଡାକ୍ତର ଏବଂ ଆଧୁନିକ ଔଷଧର ମଧ୍ୟ ଆବଶ୍ୟକ ଅଛି । ସେମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଓ ଭିଟାମିନ୍ ଟାବଲେଟ୍ ବ୍ୟବସ୍ଥା କରାଯିବା ଉଚିତ୍, ଯାହାଦ୍ୱାରା ପୁଷ୍ଟିହୀନତା କାରଣରୁ ସେମାନଙ୍କ ମଧ୍ୟରେ ହେଉଥିବା ରୋଗ ଦୂର ହୋଇପାରିବ । ସାଧାରଣତଃ ଜନଜାତି ଲୋକମାନେ ପ୍ରକୃତିର ଉପାସକ, ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ନିଜକୁ ଅସହଜ ମନେ କରନ୍ତି । ତେଣୁ ସାମାଜିକ-ସାଂସ୍କୃତିକ ବିଚ୍ଛିନ୍ନତା ଓ ଅସ୍ପୃଶ୍ୟତାର ଅନୁଭବ ସେମାନଙ୍କୁ ପୁଷ୍ଟିକର ସୁବିଧାରୁ ମଧ୍ୟ ଦୂରେଇ ରଖେ । ଆଜି ବି ଏହି ସମ୍ପ୍ରଦାୟ ଅଶିକ୍ଷିତ ଭିତରେ ଅଛନ୍ତି । ବିଶେଷକରି ମହିଳାମାନେ ଚରମ ଅବହେଳା, ପଛୁଆବର୍ଗ, ଲିଙ୍ଗଗତ ଭେଦଭାବର ଶିକାର ହେଉଛନ୍ତି । ପିତୃପୁରୁଷଙ୍କ ପ୍ରଭାବ ହେତୁ ସେମାନଙ୍କ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇନଥାଏ । ସମାଜରେ ପୁରୁଷ ଶ୍ରେଣୀର ମତ ଅନୁଯାୟୀ, ମହିଳାମାନେ କେବଳ ଘର କାମ କରିପାରିବେ । ତେଣୁ ସେମାନଙ୍କୁ କେବଳ ପିଲାମାନଙ୍କୁ ପାଳିବା, ଘଞ୍ଚ ଜଙ୍ଗଲ ମଧ୍ୟରୁ ବନ୍ୟ ଜାତ ଦ୍ରବ୍ୟ ଓ ପଶୁ ଫିଡ୍ ସଂଗ୍ରହ କରିବା ଏବଂ ପଶୁପାଳନ ଇତ୍ୟାଦି ସହିତ ଜଡିତ କରି ରଖାଯାଏ ।

ସାମାଜିକ ନିମ୍ନ ସ୍ଥିତି ଓ ଅତ୍ୟଧିକ ଦାରିଦ୍ର୍ୟ ସେମାନଙ୍କୁ ଅନ୍ଧବିଶ୍ୱାସ ତଥା ଯାଦୁକରୀ ବିଦ୍ୟା ଆଡକୁ ନେଇ ଆସିଛି । ଯାଦୁ ବିଦ୍ୟା, ଅନ୍ଧବିଶ୍ୱାସ ଭଳି ଥିବା କୁସଂସ୍କାର , ବେସାହି, ହିଂସା, ବିସ୍ଥାପନର ପ୍ରଶ୍ନ ସେମାନଙ୍କ ବିକାଶକୁ କ୍ରମାଗତ ଭାବରେ ପ୍ରଭାବିତ କରୁଛି । ମହାମାରୀର ଦୀର୍ଘ ସମୟ ତାଙ୍କ ସ୍ୱାସ୍ଥ୍ୟ ଚିନ୍ତା ବଢାଇ ଦେଇଛି । ଚିକିତ୍ସା ସୁବିଧା ସହ ଜଡିତ ମିଳିତ ଓ ଶୀଘ୍ର ପ୍ରୟାସର ଆବଶ୍ୟକତା ଅଛି । ଆଦିବାସୀ ମହିଳାମାନଙ୍କ ମଧ୍ୟରେ ଶିକ୍ଷା ସଚେତନତା ବୃଦ୍ଧି ପାଇଲେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବ । ଏହା ଅପେକ୍ଷାକୃତ ମୃତ୍ୟୁ ହାର ହ୍ରାସ କରିବ । ଗର୍ଭବତୀ ମହିଳାମାନଙ୍କ ପ୍ରସୂତି ପାଇଁ ମୌଳିକ ସୁବିଧା ଯୋଗାଇବାରେ ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ସାହାଯ୍ୟ କରନ୍ତୁ । ସେମାନଙ୍କ ଅବସ୍ଥାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହେବା ଉଚିତ୍ । ଆଦିମ ଆଦିବାସୀ ମହିଳାମାନଙ୍କ ନିମନ୍ତେ ସରକାରୀ ଓ ଅଣ-ସରକାରୀ ସଂଗଠନଗୁଡ଼ିକ ଦ୍ୱାରା ଜନସଚେତନତା କରାଗଲେ ସେମାନେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇପାରିବେ ।


+ ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪ ୭୫


# କାଳିଆ ଠାକୁର ଏବେ କ୍ୱାରେଣ୍ଟାଇନ୍‌ରେ ଅଛନ୍ତି



**ସମ୍ବିତ ଦାଶ**

ପ୍ରତ୍ୟେକ ବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତି ଶହେ ଆଠ ଗରା ଜଳରେ ସ୍ନାନ କରନ୍ତି । ଏହି ଦିନ ଶ୍ରୀ ମନ୍ଦିର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମର୍ତ୍ତି ବୈଦିକ ରୀତି ନୀତି ଅନୁସାରେ ଶହେ ଆଠ ଗରା ଜଳରେ ସ୍ନାନ କରାଯାଇଥାଏ । ବର୍ଷକୁ ଗୋଟିଏ ଦିନ କେବଳ ମହାପ୍ରଭୁ ସ୍ନାନବେଦିରେ ସ୍ନାନ କରନ୍ତି । ଶ୍ରୀମନ୍ଦିର ପରିସରରେ ଥିବା ସୁନା କୂଅରୁ ମହାପ୍ରଭୁଙ୍କ ସେବାୟତ ମାନେ ଶହେ ଆଠ ଗରା ଜଳରେ ମହାପ୍ରଭୁଙ୍କୁ ସ୍ନାନ କରନ୍ତି। ଚୁଆ, ଚନ୍ଦନ, କର୍ପୁର ଏହିପରି ବିଭିନ୍ନ ପ୍ରକାର ଦ୍ରବ୍ୟ ମିଶାଯାଇ ମହାପ୍ରଭୁଙ୍କ ସ୍ନାନ କରାଯାଏ । ଏଥି ମଧ୍ୟରୁ ୩୫ ଗରା ଶ୍ରୀ ଜଗନ୍ନାଥଙ୍କୁ,୩୩ ଗରା ବଳଭଦ୍ରଙ୍କୁ,୨୨ସୁଭଦ୍ରାଙ୍କୁ ଓ ୧୮ ଗରା ଜଳରେ ସୁଦର୍ଶନ ସ୍ନାନ କରିଥାନ୍ତି । ମହାପ୍ରଭୁଙ୍କ ଏହି ସ୍ନାନ ପରେ ଗଜାନନ ବେଶରେ ସୁସଜ୍ଜିତ କରାଯାଏ । ମହାପ୍ରଭୁଙ୍କ ଏହି ବେଶ କରିବା ପଛରେ ଏକ କିମ୍ବଦନ୍ତୀ ରହିଛି ତାହା ହେଲା ମହାରାଷ୍ଟ୍ରର ଏକ ବ୍ରାହ୍ମଣ ଗଣପତି ଭଟ୍ଟ ଥରେ ଶ୍ରୀ ଜଗନ୍ନାଥଙ୍କ ମହିମା ବିଷୟରେ ଶୁଣି ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ର ଆସିଥିଲେ ସେ ହେଉଛନ୍ତି ଶ୍ରୀ ଗଣେଶଙ୍କ ଭକ୍ତ । ସେ ଦାରୁବ୍ରହ୍ମଙ୍କ ଦର୍ଶନ କଲେ ଏବଂ ଗଜ ରୂପକୁ ନ ଦେଖି ପରଂବ୍ରହ୍ମ ରୂପେ ମାନିବାକୁ ଅସ୍ୱୀକାର କରିଥିଲେ । ପରଦିନ ଥିଲା ସ୍ନାନ ପୂର୍ଣ୍ଣିମା, ମହାପ୍ରଭୁଙ୍କ ବଡ଼ ପଣ୍ଡା ଗଣପତି ଭଟ୍ଟଙ୍କୁ ଆମନ୍ତ୍ରିତ କଲେ ଆସିବା ପାଇଁ ଓ ସେ ସେଦିନ ଆସିଲେ । ସେଦିନ ତାଙ୍କ ଦୃଷ୍ଟି ସମ୍ମୁଖରେ ଶ୍ରୀ ଜଗନ୍ନାଥଙ୍କ ରୂପ ପରିବର୍ତ୍ତନ ହୋଇ ଶ୍ରୀ ଗଣେଶଙ୍କ ରୂପ ହୋଇଗଲା । ଏହି ଘଟଣା ଦେଖି ତାଙ୍କର ଜ୍ଞାନୋଦୟ ହୋଇଗଲା ଓ ସେ ପରେ ନିଜର ଭୁଲ ବୁଝିପାରିଲେ । ତାଙ୍କ ପାର୍ଥନାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ବର ପ୍ରଦାନ କଲେ ଯେ ପ୍ରତିବର୍ଷ ଏହି ଦିନରେ ପ୍ରଭୁ ଗଜାନନ ବେଶ ଧାରଣ କରିବେ । ସେହି ଦିନ ଠାରୁ ମହାପ୍ରଭୁ ସ୍ନାନ ପରେ ଗଜାନନ ବେଶ ଧାରଣ କରନ୍ତି । ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ଶହେ ଆଠ ଗରା ଜଳରେ ସ୍ନାନ କରି ତାଙ୍କୁ ଜ୍ୱର ହୋଇଥାଏ । ସେ ଅଣସର ଘରେ ରହି ଚିକିତ୍ସିତ ହୋଇଥାନ୍ତି ।

ଦୀର୍ଘଦିନ ଧରି ମହାମାରୀ ଯେଉଁ ଭାବରେ ଆତଙ୍କ ସୃଷ୍ଟି କରିଚାଲିଛି ଯେଉଁ ମାନଙ୍କୁ କାଶ,ଥଣ୍ଡା, ଜର ହେଉଛି ସେମାନେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ସେମାନଙ୍କୁ କ୍ୱାରେଣ୍ଟାଇନ୍ ରଖାଯାଉଛି । ସେହିପରି ଭାବରେ ଏବେ ମହାପ୍ରଭୁ କାଳିଆ ଠାକୁର ଶହେ ଆଠ ଗରା ଜଳରେ ସ୍ନାନ କରି ତାଙ୍କୁ ଏବେ ଜର ହୋଇଅଛି ବର୍ତ୍ତମାନ ସେ ଅଣସର ଘରେ କ୍ୱାରେଣ୍ଟାଇନ୍ ରଖାଯାଇଛି । ଏବେ ମହାପ୍ରଭୁ ସଂପୂର୍ଣ୍ଣ ସୁସ୍ଥ ହେବା ନିମନ୍ତେ ଭକ୍ତ ମାନଙ୍କଠାରୁ ନିଜକୁ ଦୂରେଇ ରଖିଛନ୍ତି । ସେ ଏବେ ଚଉଦ ଦିନ ଅଣସର ଘରେ କ୍ୱାରେଣ୍ଟାଇନ୍ ରହିଛନ୍ତି । ଏହି ସମୟରେ ମହାପ୍ରଭୁଙ୍କୁ ସୁସ୍ଥ କରିବା ଲାଗି ଦଶମୂଳ ଔଷଧ ଓ ଫୁଲୁରି ତେଲ ଦିଆଯାଇଥାଏ । ଚଉଦ ଦିନ ମହାପ୍ରଭୁ ସଂଘରୋଧ ରହିବା ପରେ ସୁସ୍ଥ ହୋଇ ବଡ଼ ଦେଉଳକୁ ପ୍ରବେଶ କରିଥାନ୍ତି । ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ବଳଭଦ୍ର ଓ ସୁଭଦ୍ରା ଶୀତଳ ଜଳରେ ସ୍ନାନ କରି ସ୍ୱାସ୍ଥ୍ୟହାନିର କାରଣ ହୋଇଥାଏ । ସେ ସମୟରେ ମହାପ୍ରଭୁ ଷାଠିଏ ପଉଟି ପ୍ରସାଦ ସେବନ ନ କରି କେବଳ ଆୟର୍ବେଦିକ ଔଷଧରେ ଚିକିତ୍ସିତ ହୋଇଥାନ୍ତି । ଏହି ସମୟରେ ଦଇତାପତି ଓ ଅନ୍ୟ ସେବାୟତ ମାନେ ମିଶି ମହାପ୍ରଭୁଙ୍କୁ ସେବା କରିଥାନ୍ତି । ଆଷାଢ଼ କୃଷ୍ଣ ପକ୍ଷ ପ୍ରଥମୀରୁ ପନ୍ଦର ଦିନ ଧରି ମହାପ୍ରଭୁ ଅଣସର ଗୃହରେ ଶୟନ କରିଥାନ୍ତି । ମହାପ୍ରଭୁ ବଳଭଦ୍ରଙ୍କ ଆସ୍ଥାନ ପାଖରେ ରାମ ନୃସିହ ଓ ଦୋଳ ଗୋବିନ୍ଦ ବିଗ୍ରହ ରହିଥିବା ବେଳେ ମା ସୁଭଦ୍ରାଙ୍କ ପାଖରେ ରହିଥାଏ ଲକ୍ଷ୍ମୀ ସରସ୍ୱତୀଙ୍କ ଦୁଇଟି ପିତୁଳା ଓ ଜଗନ୍ନାଥଙ୍କ ସମ୍ମୁଖରେ ରହିଥାଏ ମଦନମୋହନ ଓ ଶ୍ରୀ କୃଷ୍ଣଙ୍କ ପ୍ରତିମୂର୍ତ୍ତି । ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ସ୍ନାନ କରି ଜର ହୋଇଅଛି କୁହାଯାଉଥିଲେ ମଧ ପ୍ରକୃତରେ ମହାପ୍ରଭୁ ପାଣିରେ ଧୋଇ ହୋଇ ତାଙ୍କର ରଙ୍ଗ ଧୋଇ ହୋଇ ଯାଇଥାଏ । ସେବାୟତ ମାନେ ମହାପ୍ରଭୁଙ୍କ ପୂର୍ବ ରୂପ ଫେରାଇ ଆଣିବା ଲାଗି ପୁନର୍ବାର ସେବା କରିଥାନ୍ତି । ଦଇମହାପାତ୍ର ନାମକ ସେବାୟତ ମହାପ୍ରଭୁଙ୍କୁ ରଙ୍ଗ ଦେଇଥାନ୍ତି । ମହାପ୍ରଭୁଙ୍କ ସମସ୍ତ ପ୍ରକାରର ଚିତ୍ର ହୋଇଥିବା ଭିତରେ ଚକ୍ଷୁ ଅଙ୍କନ କରିବା ବାକି ରହିଯାଇଥାଏ । ଆଷାଢ଼ ମାସ ଶୁକ୍ଳ ପ୍ରଥମୀ ତିଥିରେ ମହାପ୍ରଭୁଙ୍କ ଚକ୍ଷୁ ଅଙ୍କନ ହୋଇଥାଏ । ସେହି ଦିନକୁ ନେତ୍ର ଉତ୍ସବ କୁହାଯାଏ । ଭକ୍ତ ମାନେ ଏହା ପରେ ପ୍ରଭୁଙ୍କୁ ଦର୍ଶନ କରୁଥିବାରୁ ଏହାକୁ ନବଯୌବନ ଦର୍ଶନ ଭାବେ ସମସ୍ତେ ଜାଣିଥାନ୍ତି । ଦେବସ୍ନାନ ପୂର୍ଣ୍ଣିମା ଠାରୁ ନେତ୍ର ଉତ୍ସବ ଯାଏ ଫୁଲୁରି ତେଲ ଲାଗି,ଶ୍ରୀ କପଡା ଉତ୍ସବ, ମସୃଣ ଲେପନ, ଚକା ବିଜେ, ଚନ୍ଦନ ଲାଗି, ଓଷ ଲାଗି , ଘଣା ଲାଗି, ବନକ ଲାଗି,ଚକା ଅପସର ନୀତି କରାଯାଏ । ଚକା ଅପସର ହେଉଛି ଅଣସରର ଶେଷ ଦିନ । ଅଣସର ଘରେ ଶ୍ରୀ ଜୀଉ ପୂଜା ହେଉଥିବା ବେଳେ ବାହାରେ ପଟି ଦେବତା, ଦଶ ଅବତାର ଠାକୁର ରୀତି ନୀତି ଅନୁସାରେ ପୂଜା କରାଯାଇଥାଏ । ଅଣସର ପରେ ଦଶ ଦେବତା ତିନି ରଥରେ ଆଡ଼ପମଣ୍ଡପକୁ ଯାତ୍ରା କରନ୍ତି । ଅଣସର ସମୟରେ ଲୋକେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ ତେଣୁ ସେ ସମୟରେ ଲୋକେ ପଟି ଦେବତାଙ୍କୁ ଦର୍ଶନ କରିଥାନ୍ତି । ଅଣସର ସମୟରେ ମହାପ୍ରଭୁଙ୍କ ଅଙ୍ଗରେ ଏକ ପ୍ରକାର ତେଲ ଲେପନ କରାଯାଏ ତାହା ହେଉଛି ଫୁଲୁରି ତେଲ । ଏହି ଫୁଲୁରି ତେଲ ପ୍ରସ୍ତୁତି କରିବା ଏକ ପାରମ୍ପାରିକ ଆୟୁର୍ବେଦିକ ପ୍ରଣାଳୀ । ମଠର ମହନ୍ତ ଓ ସାଧୁ ମାନେ ଏହି ତେଲକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥାନ୍ତି । ଏହି ତେଲରେ ହିଁ ମହାପ୍ରଭୁ ସୁସ୍ଥ ହୋଇଥାନ୍ତି । ଏବେ ମହାପ୍ରଭୁ ଯେପରି ଅଣସର ଘରେ କ୍ୱାରେଣ୍ଟାଇନ୍ ରେ ଅଛନ୍ତି ଭକ୍ତ ମାନଙ୍କୁ ଦେଉନାହାନ୍ତି ସେହିଭଳି ଭାବେ ଆମକୁ ଯଦି ଜର ହୁଏ ତାହାଲେ ଆମେ ମହାପ୍ରଭୁଙ୍କ ଭଳି ଅଣସର ଘରେ ରହିବ ଉଚିତ୍ ।


+ ପଲ୍ଲୀକଣ୍ଠା, ରସମା,
ଜଗତସିଂହପୁର
ମୋ-୯୧୭୮୮୦୪୬୪୫


## କବିତା କୋଣାର୍କ

### ଫୁଲର ଜୀବନ ଦର୍ଶନ

**ମୃତ୍ୟୁଞ୍ଜୟ ଡାକୁଆ**

ରଙ୍ଗ ତୁଳୀ ଧରି ସୃଜନୀ ପୁରୁଷ
ଫୁଲ କୁ ଗଢ଼ିଲା ଏଇ ସଂସାରେ
ରୁପ ବର୍ଣ୍ଣାଳିରେ ଫୁଲ ଅନୁପମା
ମଂହକୁ ଥାଏ ସେ ପ୍ରକୃତିକୋଳେ ।

ଦୁଇ ଦିନର ଏ ଜୀବନ ପ୍ରକାଶ
କେବେ ହସ ପୁଣି କେବେ ତ ଲୁହ
ବେଳ ବୁଡ଼ିଗଲେ ସଞ୍ଜ ନଇଁଯାଏ
ଜୀବନ ଖୋଜଇ ମାଟିର ମୋହ ।

ପ୍ରୀତି ଫଗୁଣର ପହିଲି ଛୁଆଁରେ
ବାସ୍ନାୟିତ ହୁଏ ସାରା ଧରିତ୍ରୀ
ନିଦାଘରେ ପୁଣି କୃଷ୍ଣଚୂଡ଼ା ସାଜେ
କ୍ଲାନ୍ତ ପଥିକର ଅଭୁଲା ସାଥୀ ।

ହସୁଥାଏ କେବେ ବାସୁଥାଏ କେବେ
ଅଳସି କନ୍ୟାର ଶୃଙ୍ଗାର ହୋଇ
ସ୍ୱପ୍ନ ସହରରୁ ପ୍ରେମିକ ଆସଇ
ପାରିଜାତ ନେଇ ପ୍ରେମିକା ପାଇଁ ।

ଫୁଲ ସାଜେ କେବେ ଭକ୍ତି ପୁଷ୍ପାଞ୍ଜଳି
ଭକତି ଡାଲାରେ ଯାଏ ମନ୍ଦିର
ବିଭୂଙ୍କ ଚରଣେ ସମର୍ପିତ ହୋଇ
ଆଶୀଷ ଲଭଇ ଜୀବନେ ତାର ।

ବାହା ବେଦିରେ ସେ ବେଦମନ୍ତ୍ର ପାଇ
ଧର୍ମର ମାଳାଟି ସାଜଇ ଦେଖ
ଅଜଣା ମଣିଷ ପତିପତ୍ନୀ ହୁଏ
ଫୁଲହାର ଯୋଡ଼େ ନୂଆ ସଂପର୍କ ।

ରଣକ୍ଷେତ୍ରେ ପୁଣି ବିଜୟର ମାଳା
ସାଇତା ହୁଅଇ ବୀଜୟି ପାଇଁ
ଶବଧାରେ କେବେ ଶ୍ରଦ୍ଧାଞ୍ଜଳି ହୁଏ
ଲୁହସାଥେ ଯାଏ ମଶାଣି ଭୂଇଁ ।

ଫୁଲର ଜୀବନ ଦର୍ଶନ କୁହଇ
ସେବା ତ୍ୟାଗ ଆଉ ସମର୍ପଣର
ଫୁଟିବା ଝଡ଼ିବା ସୃଷ୍ଟିର ନିୟମ
ବିଧାତା ଲେଖିଛି କାହାଣୀ ତାର ।

+ ଖୋର୍ଦ୍ଧା

### ଆଶା...

**ବିନୟ ମିଶ୍ର**

ବେଦନାର ଘଞ୍ଚ ବନାନୀରେ ମୁଁ ଗୋ
ବନାଗ୍ନିର ଦୀପ୍ତ ଶିଖା,
ଆଲିଙ୍ଗନ ତୁମ ମୋ ?ସୁମୀ ବରଷା
ଚନ୍ଦନର ଚିତ୍ରଲେଖା ।

ତାରାହୀନ ହୃଦ ଆକାଶ ବୁକୁରେ ତୁମେ
କ୍ଷଣପ୍ରଭା ହୋଇ,
ମେଘ ପଛେ ଗୁପ୍ତ ଚନ୍ଦ୍ରମାର ମୁଁ ଯେ
ପ୍ରୀତି ଲଗ୍ନା ନୀଳ କଇଁ ।

ଉଆଁସୀ ମନର ପିଆସୀ ମଧୁର ମଧୁଛନ୍ଦା
ଜ୍ୟୋସ୍ନା ଧାରା,
ଅସରା ସ୍ୱପ୍ନର ରଜନୀରେ ତୁମେ
ମତୁଆଲା ପ୍ରୀତି ତାରା ।

ପ୍ରତୀକ୍ଷା ସୀମାନ୍ତେ ତୁମେ ମୋ ମନର
ଜାଗ୍ରତ ବୀର ସାଜି,
ଗାଉଛ ଏକାକୀ ପ୍ରୀତି ସଙ୍ଗୀତ ମୁଁ
ପ୍ରେମରେ ଯାଉଛି ମଜି ।

+ ନିଆଳ ଖୋର୍ଦ୍ଧା

### ପରଦା ଆଢୁଆଳରେ ପ୍ରଭୁ...

**ଶାନ୍ତନୁ ସର**



ହେ ପ୍ରଭୁ, ମୁଁ ମୃଗୁଣୀ ସ୍ତୁତି କରୁନାହିଁ
ବ୍ୟାଜ ସ୍ତୁତି କରିବି କାହିଁକି ଯେ
ମୋ ଆତ୍ମାର ଆନ୍ଦୋଳନ,
ହୃଦୟ ଉପକୂଳର ତରଙ୍ଗ ଯେତେସବୁ
ମୁଁ ତମକୁ କହିପାରିବି ସିଧା ସିଧା
ବିନା ଆଟୋପରେ, ଶେଷହୀନ
ଗଭୀର ଆସ୍ଥାରେ ।
ହେ ପ୍ରଭୁ, ଦେଖୁଛ ତ
ନଈରେ ଭାସୁଛି କୁଡ଼କୁଡ଼ ଶବ
ମଲା ମାଛ ପରି,ଶ୍ମଶାନରେ
ନିରୁଦବେଗ ସରକାରୀ ଅନ୍ତିମ ସଂସ୍କାର
'ଟୀକା ଗୋବିନ୍ଦ ଚନ୍ଦ୍ର'ଗୀତର ଛନ୍ଦରେ
ବତୁରି ଯାଉଛି ଚାରିଦିଗ ଓ ଆକାଶ ।
ହେ ପ୍ରଭୁ, ତମେ କହିବ
ଏ କଣ ସଞ୍ଚିତ ପ୍ରାରବ୍ଧ ?
ନାଁ ତମେ ପରଦା ଆଢୁଆଳରେ
ନୂଆ କିଛି ରଚନାର ଯୋଜନା କରୁଛ ?
ତମ ଅବ୍ୟକ୍ତ ଅନୁରାଗରେ
ଅପଲକ ନେତ୍ରର ଆଶ୍ରାରେ
ପଲ୍ଲବିତ ହେଉ ପ୍ରେମ ଓ ପ୍ରତ୍ୟୟ ।
ବାଜିଲାଣି ବଜନ୍ତରୀ
ମଣିମା ବିଜେ ହୁଅ,ନିର୍ଦ୍ଦେଶ ଦିଅ
କୋହଭରା ଆକାଶରୁ ବୃଷ୍ଟି ହେଉ
ମୃତ୍ୟୁଞ୍ଜୟୀ ଶାଶ୍ୱତ ଅମୃତ ,
ପୁଲକିତ ହେଉ ପୁଣି ଆଶାର ଆଲୋକ ।

+ ଅବସରପ୍ରାପ୍ତ ଅଧକ୍ଷ, ଅନୁଗୁଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୁଳ

## କବିତା କୋଣାର୍କ

### ଝରାଫୁଲ ...

**ଶୁଭେନ୍ଦୁ ମେହେର**



ଅଦିନେ ଝଡ଼ିବା ପାଇଁ କି ଜନମ
ପାଇଥିଲା ଝରାଫୁଲ ।
ସମାଜ ବନ୍ଧନ ମାନବିକତା କି
ଦେଇପାରିବ ତା ମୂଲ ।

ପିତା ମାତା ଯେବେ ଜନମ କରିଲେ
ଜାଣି କି ଥିଲେ ଟି ଏହା ।
ଝିଅ ଜନମ ରେ କେତେ ଯେ
ବେଦନା
ବାପା ମା ଜାଣନ୍ତି ତାହା ।

ଆଜିର ସମାଜେ ନାରୀଟିଏ ଯେବେ
ହୋଇ ପାରିନାହିଁ ମୁକ୍ତ ।
କେମିତି କହିବା ଅମରି ଦେଶରେ
ଶାସନ ଚାଲିଛି ସୁସ୍ଥ ।

ଝରାଫୁଲ ପରି କେତେ ଯେ କୁମାରୀ
ଅବେଳେ ଯାଆନ୍ତି ଝଡି ।
ଅମଣିଷ ସବୁ ଖାଇ ଯାଉଛନ୍ତି
ହିଂସ୍ର ସମ ଉଠିପଡି ।

ଭାରତ ମାତାର ସବୁଜ କୋଳରେ
ଏ କି କାରୁଣ୍ୟ ବେଶ ।
କଳ୍କି ସାଜି ଆସ ଆହେ ଝରାଫୁଲ
ହିଂସ୍ର କୁ କର ନାଶ ।

+ ରାଜା ଆର୍ଟସ, ଯାଲୋଏ,
ସୁବର୍ଣ୍ଣପୁର



# ୟାମୀ କରିବେନି ନଖରାମୀ

ବାସ୍ତବ ଜୀବନରେ ନିର୍ଦ୍ଦେଶକ ଆଦିତ୍ୟ ଧର (ନିର୍ଦ୍ଦେଶକ: ଦ ସର୍ଜିକାଲ୍ ଷ୍ଟ୍ରାଇକ୍)ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ଲାଗୁଛି ସତେ ଯେମିତି ୟାମୀ ଆଉ ନଖରାମୀ କରିବେନି। ଅନିରୁଦ୍ଧ ରାୟଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଯାଉଥିବା ନୂଆ ସିନେମା (ଅନ୍‌ଟାଇଟଲ୍‌ଡ)ରେ ୟାମୀ ସାଜିବେ ସାମ୍ବାଦିକା। ବେଳେବେଳେ ସାମ୍ବାଦିକମାନେ କେମିତି ଉପଯୁକ୍ତ ତଥ୍ୟ ନ ଦେଇ ବିଭିନ୍ନ ଅପରାଧମୂଳକ ଖବର ପ୍ରକାଶ କରିଦିଅନ୍ତି, ସେଇକଥା ଉପରେ କାହାଣୀ ଆଧାରିତ। ୟାମୀ ସତ୍ୟ ଘଟଣାର ଉନ୍ମୋଚନ କରିବେ। ନିର୍ଦ୍ଦେଶକ ଅନିରୁଦ୍ଧଙ୍କ ସହ ଅଭିନେତ୍ରୀ ୟାମୀ ଗୌତମ ଏ ସମ୍ପର୍କରେ ଆଲୋଚନା କରିବା ପରେ ସାମ୍ବାଦିକା ଭୂମିକାରେ ଅବତୀର୍ଣ୍ଣ ହେବାକୁ ରାଜି ହେଇଛନ୍ତି। କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁଁ ସୁଟିଂ ସ୍ଥଗିତ ରହିଥିଲା। ଲହର ଥମି ଆସିଥିବାରୁ ସରକାର ମଧ କଟକଣାରେ କୋହଳ କରିଛନ୍ତି। ତେଣୁ ଖୁବ୍‌ଶୀଘ୍ର ନିର୍ଦ୍ଦେଶକ କୋଲକାତା ଓ ପୁରୁଲିଆ ଅଞ୍ଚଳରେ ଏହାର ସୁଟିଂ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି। କନ୍ନଡ଼ରେ ‘ଉଲ୍ଲାସ ଉତ୍ସାହ’, ପଞ୍ଜାବୀରେ ‘ଏକ୍ ନୁର୍’, ତେଲୁଗୁରେ ‘ନୁଭିଲ୍ଲା’, ମାଲୟାଲମରେ ‘ହିରୋ’, ତାମିଲରେ ‘ଗେରବମ୍’ ଆଦି ସିନେମାର ନାୟିକା ସାଜିଥିବା ୟାମୀ ହିନ୍ଦୀ ଚଳଚ୍ଚିତ୍ର ଭିକି ଡୋନର, ଟୋଟାଲ୍ ସିୟାପା, ଆକ୍ସନ୍ ଜାକ୍ସନ୍, ବଦଲାପୁର, ସନମ୍ ରେ, ଜୁନୁନିୟତ୍, କାବିଲ୍, ସରକାର-୩, ବତି ଗୁଲ୍ ମିଟର ଚାଲୁ, ବାଲା, ଗିନ୍ନି ୱେଡସ୍ ସନ୍ନିରେ ଅଭିନୟ କରିଛନ୍ତି।


# କହୋ ନା ପ୍ୟାର୍ ହେ



ଚଙ୍କି ପାଣ୍ଡେଙ୍କ ଗେହ୍ଲି ଝିଅ ଅନନ୍ୟ ପାଣ୍ଡେ। ଏବେ ବଲିଉଡ୍‌ର ଉଦୀୟମାନ ଅଭିନେତ୍ରୀମାନଙ୍କ ମଧ୍ୟରେ ତାଙ୍କ ନାଁ ଯୋଡ଼ି ହୋଇଯାଇଛି। ନିକଟରେ ଅନନ୍ୟା ଅବସର ସମୟ ବିତାଇବାକୁ ପହଞ୍ଚିଥିଲେ ଏକ ବେଳାଭୂମିରେ। ସେଠାରେ ସେ ଏକ ମିନି ହ୍ୱାଇଟ୍ ପୋଷାକ ପିନ୍ଧି ମଜା ନେଉଥିଲେ। ଖାଲି ସେତିକି ନୁହେଁ, ଏଭଳି ପୋଜ-କମ୍ପୋଜର କିଛି ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରି ସେ ଏହାର କ୍ୟାପସନ୍ ଲେଖିଛନ୍ତି ‘ହେଭିଙ୍ଗ୍ ମାଇଁ କହୋ ନା ପ୍ୟାର୍ ହେ ମୋମେଣ୍ଟ ଉଇଥ ମାଇଁସେଲ୍ଫ’।


ବାସ୍ତବରେ ଅନନ୍ୟାଙ୍କ ଏଇ ଛବି ସୂର୍ଯ୍ୟଙ୍କ ଉଜ୍ଜ୍ୱଳ ଆଭା ପରି ଦୃଶ୍ୟମାନ ହେଉଛି। ପାନ୍ ଇଣ୍ଡିଆ ଫିଲ୍ମ ବିଜୟ ଦେବରାକେଣ୍ଡାଙ୍କ ‘ଲିଜର’ର ନାୟିକା ସାଜିଛନ୍ତି ଅନନ୍ୟା। ଏହା ବ୍ୟତୀତ ସକୁନ ବାତ୍ରାଙ୍କ ନିର୍ଦ୍ଦେଶିତ ଏକ ଅନଟାଇଟଲଡ୍ ମୁଭିରେ ମଧ ଦୀପିକା ପାଦୁକୋନ୍ ଓ ସିଦ୍ଧାର୍ଥ ଚୁତୁର୍ବେଦୀଙ୍କ ସହ ଅନନ୍ୟା ଏକ ପ୍ରମୁଖ ଭୂମିକାରେ ଅଛନ୍ତି। ଷ୍ଟୁଡେଣ୍ଟ୍‌ସ ଅଫ୍ ଦ ଇୟର-୨, ପତି ପତ୍ନୀ ଔର ବୋ, ଅଙ୍ଗ୍ରେଜି ମିଡିଅମ୍, ଖାଲି ପିଲି ପରି ସିନେମାରେ ଅଭିନୟ କରି ଅନନ୍ୟା ଚର୍ଚ୍ଚିତ ହେଇଛନ୍ତି। କେବଳ ଷ୍ଟାର୍ ଡଟର୍ ବ୍ୟାକଗ୍ରାଉଣ୍ଡ ନୁହେଁ, ବରଂ ଅଭିନୟରେ ନିଜର ଦକ୍ଷତା ଦେଖାଉଛନ୍ତି ଅନନ୍ୟା।

## ଦିଲ୍ଲୀପ କୁମାରଙ୍କ ବିୟୋଗରେ ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏସନର ଶୋକ



ସର୍ବାଧିକ ଥର ଫିଲ୍ମ ଫେୟାର ଆୱାର୍ଡ଼ ବିଜେତା, ଦାଦା ସାହେବ ଫାଲକେ ଆୱାର୍ଡ଼ ବିଜେତା, ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରର ନାୟକ ବର୍ଷିଆନ୍ ଅଭିନେତା ଦିଲ୍ଲୀପ କୁମାରଙ୍କର ୯୮ ବର୍ଷ ବୟସରେ ବିୟୋଗରେ ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏସନର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲି, ପ୍ରଯୋଜକ ଲୁଟୁ ମହାନ୍ତି, ଶ୍ରୀଧର ମାର୍ଥା, ଅତିଶ ରାଉତ, ରବିନ୍ଦ୍ର ନାଥ ପଣ୍ଡା, ରମେଶ ବାରିକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଲେଖକ ରଜନୀ ରଂଜନ, ସାମ୍ବାଦିକ ପ୍ରଶାନ୍ତ ପାଇକରାୟ, ଶୁଭ୍ର ବାବୁ ସମାଜ ସେବୀ ରବିନ୍ଦ୍ର ବିଶ୍ୱାଳ, ଆର୍ଟିଷ୍ଟ ସମୀର ରାଉତ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରି ତାଙ୍କର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଛନ୍ତି। ଏପରି ବିରଳ ବ୍ୟକ୍ତିତ୍ୱ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ବହୁତ୍ କମ୍ ଜନ୍ମ ନେଇଛନ୍ତି।

# ସିଂଘମଙ୍କ ହିରୋଇନ୍ ହେବେ ଈଶା



ପୁଣି ଥରେ କ୍ୟାମେରା ସାମନାକୁ ଫେରିବେ ଡ୍ରିମ୍ ଗାର୍ଲ ହେମା ତନୟା ଈଶା ଦେଓଲ। ଦୀର୍ଘ ଦିନ ଧରି ଗ୍ଲାମର ଦୁନିଆରୁ ଦୂରେଇ ଘର ସଂସାରରେ ବ୍ୟସ୍ତ ଥିବା ଈଶା ଏଥର ପୁଣି ଆକ୍ସନ ମୁଡକୁ ଚାଲି ଆସିଛନ୍ତି। ଏଥର ଦ୍ୱିତୀୟ ଇନିଙ୍ଗସ୍ ଆରମ୍ଭ କରିବେ ଈଶା । ଏବେ ସେ ବଲିଉଡର ସିଂଘମ ଅଜୟ ଦେବଗନଙ୍କ ହିରୋଇନ୍ ପାଲଟିବେ । ଏଥର କିନ୍ତୁ ବଡ଼ ପରଦାରେ ନୁହେଁ ଡିଜିଟାଲ ପ୍ଲାଟଫର୍ମରେ ଡେବ୍ୟୁ କରି ନିଜ ଜଲୱା ଈଶା।

ଅଜୟଙ୍କ ଅପକମିଙ୍ଗ ୱେବ ଶୋ’ ‘ରୁଦ୍ର: ଦ ଏଜ ଅଫ୍ ଡାର୍କନେସ୍’ରେ ଅଜୟଙ୍କ ଅପୋଜିଟରେ ସ୍କ୍ରିନ୍ ଶେଆର କରିବେ ଈଶା। ସୋଶାଲ ମିଡିଆରେ ଈଶା ନିଜେ ଏହି ଖବର ଘୋଷଣା କରିଛନ୍ତି।

ଈଶା ଲେଖିଛନ୍ତି-“ ‘ରୁଦ୍ର: ଦ ଏଜ ଅଫ୍ ଡାର୍କନେସ୍’ରେ ମୁଁ ଡିଜିଟାଲ ପ୍ଲାଟଫର୍ମରେ ପାଦ ଥାପିବି। ଏହା ଏକ ୱେବ ସିରିଜ । ମୋର ବହୁ ଫିଲ୍ମର ହିରୋ ଅଜୟ ଦେବଗନ ଏଥିରେ ବି ମୋର କୋ-ଷ୍ଟାର ଭୂମିକାରେ ଅଭିନୟ କରିବେ।”


‘ରୁଦ୍ର: ଦ ଏଜ ଅଫ୍ ଡାର୍କନେସ୍’ ଏକ କ୍ରାଇମ୍-ଡ୍ରାମା ସିରିଜ ହୋଇଥିବା ବେଳେ ଅଜୟ ଏଥିରେ ଜଣେ ପୁଲିସ୍ ଅଫିସର ଭୂମିକାରେ ନଜର ଆସିବେ। ଏହି ଶୋ’ର ପ୍ରୋମୋ ଆସି ସାରିଥିବା ବେଳେ ଏଥିରେ ଅଜୟଙ୍କ ଦମଦାର ଲୁକ୍‌କୁ ଦର୍ଶକ ବେଶ୍ ପ୍ରଶଂସା କରୁଛନ୍ତି। ଅଜୟ ନିଜ ସୋଶାଲ ମିଡିଆ ଆକାଉଣ୍ଟରେ ରୁଦ୍ରର ପୋଷ୍ଟର ପୋଷ୍ଟ କରିଛନ୍ତି।

ଏହାପୂର୍ବରୁ ଅଜୟ ପ୍ରଡ୍ୟୁସର ହିସାବରେ ଡିଜିଟାଲ ପ୍ଲାଟଫର୍ମରେ ଡେବ୍ୟୁ କରି ସାରିଥିବା ବେଳେ ଏଥର ନିଜ ଆକ୍ସନର ଜଲୱା ଦେଖାଇବେ । ଏହା ପୂର୍ବରୁ ଅଜୟଙ୍କ ପ୍ରଡକ୍ସନ ହାଉସ୍‌ର ଫିଲ୍ମ ‘ତ୍ରିଭଙ୍ଗ’ ଓ ‘ଦି ବିଗ୍ ବୁଲ୍’ ଡିଜିଟାଲ ପ୍ଲାଟଫର୍ମରେ ରିଲିଜ ହୋଇ ସାରିଛି।

ଈଶା୨୦୦୨ ମସିହାରେ ‘କୋଇ ମେରେ ଦିଲ୍ ସେ ପୁଛେ’ ଫିଲ୍ମରେ ବଲିଉଡ ଡେବ୍ୟୁ କରିଥିଲେ। ଏହାପରେ ସେ ‘ନା ତୁମ୍ ଜାନୋ ନା ହମ୍’, ‘କ୍ୟା ଦିଲ୍ ନେ କହା’, ‘କୁଛ ତୋ ହେ’, ଚୁରା ଲିଆ ହେ ତୁମନେ, ଧୁମ୍, ୟୁବା, କାଲ, ମେ ଏସା ହି ହୁଁ, ନୋ ଏଣ୍ଟ୍ରି, କ୍ୟାଶ୍, ଆଖେଁ ଆଜି ଫିଲ୍ମରେ ଅଭିନୟ କରି ସାରିଛନ୍ତି।

ଈଶା ବ୍ୟବସାୟୀ ଭରତ ତଖତାନୀଙ୍କୁ ବିବାହ କରିଥିବା ବେଳେ ସେମାନଙ୍କର ୨ କନ୍ୟା ସନ୍ତାନ ଅଛନ୍ତି। ଏଥର ନିଜ ଆକ୍ଟିଂ ଦ୍ୱାରା ଈଶା ଦର୍ଶକଙ୍କ ଦ୍ୱାରା କେତେ ଆଦୃତ ହୋଇପାରୁଛନ୍ତି, ତାହା ଆଗକୁ ଜଣାପଡ଼ିବ।

# ରୋମାନ୍ସ କରିବେ ‘ରକି ଔର ରାଣୀ’



ଜଣେ ରକି ଏବଂ ଆଉ ଜଣେ ରାଣୀ। ଆଉ ଏଦୁହିଁଙ୍କ ପ୍ରେମ କାହାଣୀକୁ ପରଦାରେ ଉତାରିବେ ନିର୍ଦ୍ଦେଶକ କରନ ଜୋହର। ୨୦୧୬ରେ ସୁପରହିଟ୍ ଫିଲ୍ମ ଏ ଦିଲ୍ ହେ ମୁସକିଲର ନିର୍ଦ୍ଦେଶନା ଦେଇଥିଲେ କରନ। ଏବେ ୫ ବର୍ଷ ପରେ ରକି ଔର ରାଣୀ କି ପ୍ରେମ କାହାଣୀ ଜରିଆରେ ସେ ପୁଣି ନିର୍ଦ୍ଦେଶନାକୁ ଫେରୁଛନ୍ତି।

ରକି ହେବେ ରଣବୀର ସିଂହ ଏବଂ ରକିଙ୍କ ରାଣୀ ହେବେ ଆଲଆ ଭଟ୍ଟ। ଲିଡ୍ ରୋଲରେ ପୁଣି ନଜର ଆସିବେ ଗଲି ବୟର ଲିଡ୍ ଷ୍ଟାର। ଇନଷ୍ଟାଗ୍ରାମରେ ଫିଲ୍ମର ମୋସନ ପୋଷ୍ଟର ଜାରି କରିବା ସହ ଅପ୍ କମିଂ ଫିଲ୍ମର ଘୋଷଣା କରିଛନ୍ତି କରନ। ପୋଷ୍ଟର ସହ କରନ ଲେଖିଛନ୍ତି ଯେ, ନିଜ ପସନ୍ଦର ଲୋକଙ୍କ ସାମ୍ନାରେ କ୍ୟାମେରା ଲେନ୍ସର ପଛକୁ ଯିବାକୁ ରୋମାଞ୍ଚିତ । ଅର୍ଥାତ୍, ପୁଣି ନିର୍ଦ୍ଦେଶନା ପାଇଁ ଅଣ୍ଟା ଭିଡିଛନ୍ତି କରନ ଜୋହର । ଇଶିତା ମୋଇତ୍ରା, ଶଶାଙ୍କ ଖୈତାନ ଏବଂ ସୁମିତ ରୟଙ୍କ ଦ୍ୱାରା ଫିଲ୍ମର କାହାଣୀ ଲେଖାଯାଇଛି। ୨୦୨୨ରେ ଫିଲ୍ମ ‘ରକି ଔର ରାଣୀ କି ପ୍ରେମ କାହାଣୀ’ ସିଲଭରସ୍କ୍ରିନକୁ ଆସିବା ସମ୍ଭାବନା ରହିଛି । ନିଜ ଜନ୍ମ ଦିନରେ କରନଙ୍କ ଏହି ପୋଷ୍ଟକୁ ସେୟାର କରିଛନ୍ତି ରଣବୀର ସିଂହ। ଲେଖିଛନ୍ତି, ମୋର ବିଶେଷ ଦିନରେ ବିଶେଷ ଘୋଷଣା ହୋଇଛି। ‘ରକି ଔର ରାଣୀ କି ପ୍ରେମ କାହାଣୀ’ ନେଇ ମୁଁ ପ୍ରସ୍ତୁତ। ସେପଟେ ଆଲିଆ ଭଟ୍ଟ ମଧ ଫିଲ୍ମର ପୋଷ୍ଟର ସେୟାର କରିବା ସହ ନୂଆ ଫିଲ୍ମକୁ ନେଇ ସେ ବେଶ୍ ଉତ୍ସାହିତ ଥିବା ଲେଖିଛନ୍ତି।

# ପ୍ରଥମ ଥର ଲାଗି ଅମ୍ଲାନ- ପ୍ରିୟା ଯୋଡ଼ି

ପ୍ରଥମ ଥର ଲାଗି ଦର୍ଶକ ବଡ଼ ପରଦାରେ ଦୁଇଜଣ ଲୋକପ୍ରିୟ ନାୟକ ଓ ନାୟିକାଙ୍କୁ ଏକାଠି ଦେଖିବାକୁ ପାଇବେ ଦର୍ଶକ। ଏଠାରେ ହସକୁରୀ ଓଲିଉଡ ନାୟିକା ପ୍ରିୟା ଓ ଆକ୍ସନ୍ ବୟ ଅମ୍ଲାନଙ୍କ କଥା କୁହାଯାଉଛି।

ହଁ, ଅମ୍ଲାନ-ପ୍ରିୟା ଯୋଡ଼ିଙ୍କୁ ‘ଲାଗେ ପ୍ରେମର ନଜର’ରେ ଦର୍ଶକ ଦେଖିବେ। ଏଥିରେ ଜଣେ ନିର୍ଦ୍ଦେଶକ ଭୂମିକାରେ ନଜର ଆସିବେ ଅମ୍ଲାନ। ଅପରପକ୍ଷରେ ପ୍ରିୟାଙ୍କୁ ପ୍ରଥମ ଥର ଲାଗି ଅମ୍ଲାନଙ୍କ ସ୍ତ୍ରୀ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। ଦିଲୀପ ପଣ୍ଡା ଏହାର ନିର୍ଦ୍ଦେଶକ। ଏହି ସିନେମାରେ ଅମ୍ଲାନଙ୍କ ଅନ୍ୟ ଦୁଇ ନାୟିକା ହେଲେ ରୀୟା ଓ ରାଗିଣୀ। ସୂଚନାଯୋଗ୍ୟ, ପ୍ରିୟା ୨୦୦୮ରେ ମୁକ୍ତିଲାଭ କରିଥିବା ଫିଲ୍ମ ‘ ଡ୍ରିମ୍ଗାର୍ଲ’ରେ ପ୍ରଥମେ ଅଭିନୟ କରି ବଡ଼ ପରଦାକୁ ଆସିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି। ଏହାପରେ ପ୍ରିୟାଙ୍କୁ ଅଭିମନ୍ୟୁ, ବାଇଶି ପାହାଚେ ଖେଳିବ ମୀନ, ଆଲୋ ମୋର କଣ୍ଢେଇ, ମେଘ ସବାରୀରେ ଆସିବ ଫେରି, ଦିଲ୍ ତତେ ଦେଇଛି, ହିରୋ- ଏକ ପ୍ରେମ କଥା, ଚାନ୍ଦିନୀ ଆଇ ମିସ୍ ୟୁ, ଦୋସ୍ତି , ଗୁଡବୟ, ପାରିବେନି କେହି ଅଲଗା କରି, ରୁମକୁ ଝୁମାନା , ମିତ ବସିଛି ମୁଁ ଭୂତ ସାଥୀରେ ଓ ତୋ’ ବାଟ ଚାହିଁଛି ରାତି ସାରା ଆଦିରେ ଦେଖିବାକୁ ମିଳିଛି। ଅପରପକ୍ଷରେ ଅମ୍ଲାନ ୨୦୦୩ରେ ‘ଟାର୍ଗେଟ’ ସିନେମାରୁ ଓଲିଉଡରେ ହିରୋଭାବେ ଡେବ୍ୟୁ କରିବା ପରେ ନିୟମିତ ଭାବେ ସିନେମାରେ କାମ କରି ଆସୁଛନ୍ତି । ତାଙ୍କର ବର୍ଷକୁ ୨ ରୁ ୩ ଟି ଲେଖାଏଁ ସିନେମା ବି ରିଲିଜ୍ ହେଉଥିଲା। ୨୦୧୭ରେ ଅମ୍ଲାନଙ୍କୁ ‘ ସପନର ପଥେପଥେ’ ଓ ‘ବଜରଙ୍ଗୀ’ ଭଳି ସିନେମାରେ ନାୟକ ଭୂମିକାରେ ଦେଖିବାକୁ ପାଇଥିଲେ ଦର୍ଶକ । ହେଲେ ୨୦୧୮ରେ କିନ୍ତୁ ଅମ୍ଲାନଙ୍କୁ କୌଣସି ଗୋଟିଏ ବି ଓଡ଼ିଆ ଛବିରେ ଦେଖିବାକୁ ମିଳି ନଥିଲା । ତେବେ ୨୦୧୯ରେ ସେ ‘ଫ୍ରମ୍ ମି ଟୁ ୟୁ’ ଜରିଆରେ ସେ ନଜର ଆସିଥିଲେ।

# ଖୁବ ଶୀଘ୍ର ପରଦାକୁ ଫେରୁଛନ୍ତି ରବିନା ଓ ଗୋବିନ୍ଦାଙ୍କ ଯୋଡ଼ି !

ବଲିଉଡର ସୁପରହିଟ ଯୋଡ଼ିଙ୍କ ମଧ୍ୟରୁ ଅଭିନେତ୍ରୀ ରବିନା ଟଣ୍ଡନ ଓ ଅଭିନେତା ଗୋବିନ୍ଦାଙ୍କ ଯୋଡ଼ି ଅନ୍ୟତମ। ଏହି ଯୋଡ଼ି ବଡ଼ ପରଦାରେ ଦର୍ଶକଙ୍କ ଖୁବ ମନୋରଞ୍ଜନ କରିଛନ୍ତି। ଆଉ ଦର୍ଶକ ବି ରବିନା ଟଣ୍ଡନ ଓ ଗୋବିନ୍ଦାଙ୍କୁ ଏକାଠି ଦେଖିବାକୁ ଦାବି କରି ଥାଆନ୍ତି। ତେବେ ପୁଣିଥରେ ରବିନା ଟଣ୍ଡନ ଓ ଗୋବିନ୍ଦା ଏକାଠି ଧମାଲ କରିବାକୁ ଯାଉଥିବା ଶୁଣିବାକୁ ମିଳିଛି। ଏଦୁହେଁ ଖୁବଶୀଘ୍ର ଏକ ପ୍ରୋଜେକ୍ଟରେ ନଜର ଆସିବେ। ତେବେ ଏହି ପ୍ରୋଜେକ୍ଟ ଟି କ’ଣ ତାହା ରିପୋର୍ଟ ଲେଖାହେଲା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ଜଣାପଡ଼ି ନଥିଲା କିନ୍ତୁ ରବିନା ରବିବାର ଇନଷ୍ଟାଗ୍ରାମରେ ଗୋବିନ୍ଦାଙ୍କ ସହିତ କିଛି ଫଟୋ ସେୟାର କରିଛନ୍ତି। ଏଥିସହିତ କ୍ୟାପସନରେ ଲେଖିଛନ୍ତି, ‘‘ଦ ଗ୍ରାଣ୍ଡ ରିୟୁନିୟନ ! ଏକାଠି ପୁଣିଥିରେ ପରଦାରେ ଧମାଲ କରିବା ପାଇଁ ଫେରୁଛୁ ! କେବେ କେଉଁଠି ଶୀଘ୍ର ଆସୁଛି। କିସି ଡିସ୍କୋ ମୋ ଜାଏଁ।’’ ଏହାପୂର୍ବରୁ ସୁପରହିଟ ଯୋଡ଼ିଙ୍କୁ ବଡ଼ ପରଦାରେ ‘ଦୁଲହେ ରାଜା’, ‘ରାଜାଜି’, ‘ବଡେ ମିୟାଁ ଛୋଟେ ମିୟାଁ’ ଭଳି ସିନେମାରେ ଦେଖିବାକୁ ମିଳିଛି। ଆଉ ଦର୍ଶକ ବି ଉଭୟଙ୍କ ଯୋଡ଼ିଙ୍କୁ ବେଶ ପ୍ରଶଂସା ବି କରିଛନ୍ତି।



# ଫାୟାରିଂ ରେଞ୍ଜର ନାଁ ବିଦ୍ୟା ବାଲନ୍ ?



ବଲିଉଡ ଅଭିନେତ୍ରୀ ବିଦ୍ୟା ବାଲନ୍। ସେ ବି-ଟାଉନ୍‌ର ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ। ବି-ଟାଉନରେ ବି ବିଦ୍ୟାଙ୍କ ଦବ୍‌ଦବା ବେଶ୍ ରହିଛି। ସେ ଯେତିକି ସଫଳ ସେତିକି ପ୍ରସିଦ୍ଧ ଅଭିନେତ୍ରୀ। ଏବେ ବିଦ୍ୟାଙ୍କ ନାଁରେ ଆଉ ଏକ ସଫଳତା ଯୋଡି ହୋଇଛି। କାଶ୍ମୀର ଗୁଲମର୍ଗରେ ସୈନ୍ୟ ଫାୟାରିଂ ରେଞ୍ଜର ନାଁ ବିଦ୍ୟା ବାଲନ୍‌ଙ୍କ ନାମରେ ନାମିତ ହୋଇଛି। ନିକଟରେ ବିଦ୍ୟାଙ୍କ ଫିଲ୍ମ ‘ଶେରନୀ’ ଓଟିଟି ପ୍ଲାଟଫର୍ମରେ ରିଲିଜ ହୋଇଛି। ଏହି ଫିଲ୍ମଟି ହିଟ୍ ହେବା ସହ ମୋସନ୍ ପିକ୍ଚର୍ସ ଆର୍ଟ ଆଣ୍ଡ ସାଇନସ୍ସେଜ୍ ଏକାଡେମୀ ରେ ସାମିଲ ହେବ ପାଇଁ ୩୯୫ ନୂଆ ଅଭିନେତୀଙ୍କ ମଧ୍ୟରୁ ବିଦ୍ୟା ବାଲାନ୍ ଏକମାତ୍ର ଅଭିନେତ୍ରୀ ଭାବରେ ସାମ୍ନାକୁ ଆସିଛନ୍ତି। ବିଦ୍ୟା ବାଲାନ ଚଳିତ ବର୍ଷ ଆରମ୍ଭରେ କାଶ୍ମୀରରେ ଗୁଲମର୍ଗ ଶୀତକାଳୀନ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ଯାହା ଭାରତୀୟ ସେନା ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଅଭିନେତ୍ରୀଙ୍କ ସଫଳତାକୁ ସମ୍ମାନ ଜଣାଇ ଭାରତୀୟ ସେନା ଗୁଲମର୍ଗ ଫାୟାରିଂ ରେଞ୍ଜ ନାଁକୁ ‘ବିଦ୍ୟା ବାଲନ୍ ଫାୟରିଂ ରେଞ୍ଜ’ରେ ନାମକରଣ କରିଛି। ଭାରତୀୟ ସେନା ଗୁଲମର୍ଗ ଫାୟାରିଂ ରେଞ୍ଜ ନାଁକୁ ‘ବିଦ୍ୟା ବାଲନ୍ ଫାୟରିଂ ରେଞ୍ଜ’ରେ ନାମକରଣ କରିଛି। ବିଦ୍ୟା ବାଲନ୍ ସର୍ବଦା ମହିଳା ସଶକ୍ତିକରଣ ଏବଂ ଅନେକ ସାମାଜିକ ପ୍ରସଙ୍ଗକୁ ନେଇ ନିଜ ମତ ରଖନ୍ତି, ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମରେ ମଧ ସାମିଲ ହୁଅନ୍ତି। ବହୁମୁଖୀ ପ୍ରତିଭାର ଅଭିନେତ୍ରୀ ରୂପେ ପରିଚିତ ବିଦ୍ୟା ୨୦୦୫ରେ ଫିଲ୍ମ ‘ପରିଣୀତା’ରୁ ବଲିଉଡରେ ଡେବ୍ୟୁ କରିଥିଲେ। ଏହି ଫିଲ୍ମ ଦର୍ଶକଙ୍କ ଠାରୁ ବହୁତ ପ୍ରଶଂସା ପାଇଥିଲା । ବିଦ୍ୟା ବାଲାନ୍ ୧୯୯୫ ମସିହାରେ ଟିଭି ଶୋ ‘ହମ୍ ପାଞ୍ଚ୍’ରୁ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ।

# ଜୁଲାଇ ୧୩ରୁ ପୁଣି ଥରେ ଚାଲିବ ପୁରୀ-ଇନ୍ଦୋର-ପୁରୀ ବିଶେଷ ଟ୍ରେନ୍




ଭୁବନେଶ୍ୱର,୮/୭ (ନି.ପ୍ର): ପୁରୀ-ଇନ୍ଦୋର-ପୁରୀ ସ୍ପେଶାଲ ଟ୍ରେନର ସେବାକୁ ୧୩ ଜୁଲାଇଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ପୁନଃ ଚଳାଚଳ କରାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତି ନିଆଯାଇଛି। ଖରାପ ପୃଷ୍ଠପୋଷକତା ହେତୁ ମଇ ମାସ ପ୍ରଥମ ସପ୍ତାହରୁ ଏହି ଟ୍ରେନ ସେବାକୁ ବାତିଲ କରାଯାଇଥିଲା। ୦୯୩୭୧/୦୯୩୭୨ ଇନ୍ଦୋର-ପୁରୀ-ଇନ୍ଦୋର ସ୍ପେଶାଲ୍ ଇନ୍ଦୋରରୁ ୧୩ ଜୁଲାଇ ଠାରୁ ପ୍ରତି ମଙ୍ଗଳବାର ଦିନ ଏବଂ ପୁରୀରୁ ୧୫ ଜୁଲାଇ, ୨୦୨୧ ଠାରୁ ପ୍ରତ୍ୟେକ ଗୁରୁବାର ଦିନଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ ପାଇଁ ନିର୍ଦ୍ଧାରିତ ଷ୍ଟେସନ ମାନଙ୍କ ଠାରେ ସମୟ ସାରଣୀ ଏବଂ ରହଣି ଷ୍ଟେସନ ଅପରିବର୍ତ୍ତିତ ରହିବ। ରଥ ଯାତ୍ରା ସମୟରେ କୋଭିଡ ପ୍ରୋଟୋକଲକୁ ଦୃଷ୍ଟିରେ ରଖି ଏହି ଟ୍ରେନ ଇନ୍ଦୋରରୁ ଜୁଲାଇ ୧୩ ଓ ୨୦ ତାରିଖ ଦିନ ଏବଂ ପୁରୀ ରୁ ଜୁଲାଇ ୧୫ ଓ ୨୨ ତାରିଖ ଦିନ ଉଭୟ ପାର୍ଶ୍ୱରୁ ଇନ୍ଦୋର ଓ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଚଳାଚଳ କରିବ ଏବଂ ଖୋର୍ଦ୍ଧା ରୋଡ଼ ଓ ପୁରୀ ମଧ୍ୟରେ ବାତିଲ ରହିବ ।

# ସାମାଜିକ କର୍ମୀ ଷ୍ଟାନ ସ୍ୱାମୀଙ୍କ ମୃତ୍ୟୁ ଘଟଣାରେ ରାଜଧାନୀରେ ପ୍ରତିବାଦ

ଭୁବନେଶ୍ୱର,୮/୭ (ନି.ପ୍ର): ୮୪ ବର୍ଷ ବୟସ୍କ ସାମାଜିକ କର୍ମୀ ଷ୍ଟାନ ସ୍ୱାମୀ ମିଥ୍ୟା ଦେଶଦ୍ରୋହ ଅଭିଯୋଗରେ ଓ ମହାରାଷ୍ଟ୍ରର ଭୀମା କୋରେଗାଁଓ ମାମଲାରେ ଗିରଫ ହୋଇ ଯେପରି ନ୍ୟାୟ ନପାଇ ମୃତ୍ୟୁ ବରଣ କଲେ, ତାହାକୁ ସାରା ଦେଶରେ ତୀବ୍ର ନିନ୍ଦା କରାଯାଇଛି । ଭାରତୀୟ ନ୍ୟାୟ ବ୍ୟବସ୍ଥାର ଉଲଂଘନ କରି ବିଳମ୍ବିତ ବିଚାର ପ୍ରକ୍ରିୟା ଓ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଆନୁଷ୍ଠାନିକ ହତ୍ୟା ବୋଲି ଆଜି ରାଜଧାନୀ ଭୁବନେଶ୍ୱର ରେ ଆୟୋଜିତ ପ୍ରତିବାଦରେ ମାନବିକ ଅଧିକାର ଓ ରାଜନୈତିକ କର୍ମୀ ମାନେ ଅଭିଯୋଗ କରିଛନ୍ତି । ଷ୍ଟାନ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଉଭୟ କେନ୍ଦ୍ର ସରକାର ଓ ନ୍ୟାୟପାଳିକାକୁ ଦାୟୀ କରିଛନ୍ତି । ୟୁ.ଏ. ପି.ଏ, ଦେଶଦ୍ରୋହ,ଆଫସ୍ପା, ମୃତ୍ୟୁଦଣ୍ଡ ଆଇନ ଭଳି ଶ୍ରମିକ, କୃଷକ ଓ ଗଣତାନ୍ତ୍ରିକ ଅଧିକାର ଗୁଡିକୁ କ୍ଷୁର୍ଣ କରୁଥିବା ସମସ୍ତ କଳା ଆଇନ ଗୁଡିକୁ ବାତିଲ କରିବା, ସମସ୍ତ ରାଜନୈତିକ ବନ୍ଦୀ ମାନଙ୍କୁ ଖଲାସ କରିବା,ଭୀମା କୋରେଗାଁଓ ମାମଲାରେ ଗିରଫ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ଅବିଳମ୍ବେ ଜାମିନ ପ୍ରଦାନ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଚାର ଶେଷ କରିବାକୁ ସେମାନେ ଦାବି କରିଥିଲେ ।

ଏହି ପ୍ରତିବାଦରେ ଅଖିଳ ଭାରତ ଜନମଂଚ, ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ, ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ଆମ ଅଧିକାର, ଇନସାଫ,ଏନ.ଏ.ପି.ଏମ, ରାଜନୈତିକ ବନ୍ଦୀମୁକ୍ତି କମିଟି ଓ ଅନ୍ୟାନ୍ୟ ସଂଗଠନର ରାଧାକାନ୍ତ ସେଠୀ, ବିଶ୍ୱପ୍ରିୟ କାନୁନଗୋ, ମହେନ୍ଦ୍ର ପରିଡା, ଶ୍ରୀକାନ୍ତ ମହାନ୍ତି, ଅମିୟ ପାଣ୍ଡବ, ଡଃ ଶ୍ରୀଚରଣ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଜେପି ନେତ୍ରୀମାନଙ୍କୁ ସୋସିଆଲ ମିଡିଆ ଜରିଆରେ ଅପମାନିତ କରାଯାଉଛି : ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୮/୭ (ନି.ପ୍ର): ରାଜ୍ୟରେ ଶାସକ ବିଜେଡିର ଶାସନରେ ରାଜ୍ୟର ଅଗଣିତ ମା ଓ ଭଉଣୀମାନେ ଆଦୌ ସୁରକ୍ଷିତ ନାହାନ୍ତି । ରାଜନୈତିକ ଅଭିସନ୍ଧି ରଖି ବିଜେପିର ଅନେକ ନେତ୍ରୀମାନଙ୍କୁ ସୋସିଆଲ ମିଡିଆ ଜରିଆରେ କଦର୍ଯ୍ୟ ଭାଷା ବ୍ୟବହାର କରାଯାଇ ଅପମାନିତ କରାଯାଉଛି। ଏହା କ'ଣ ବିଜେଡିର ମା'ଙ୍କୁ ସମ୍ମାନ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତି ସ୍ମୃତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେଡି ଆଇଟି ସେଲ୍‌ର କାର୍ଯ୍ୟକର୍ତାମାନେ ଅପଶବ୍ଦ ଏବଂ ଅଭଦ୍ର ଭାଷା ପ୍ରୟୋଗ କରୁଛନ୍ତି । ଏହା ଅତ୍ୟନ୍ତ ଧର୍ତବ୍ୟ ଅପରାଧ । ନବୀନ ବାବୁ ଦଳର ସଭାପତି ଓ ମୁଖ୍ୟମନ୍ତ୍ରୀ ଭାବରେ ସବୁ ଜାଣି ମଧ୍ୟ ଏପରି କାର୍ଯ୍ୟକୁ କିପରି ପ୍ରୋତ୍ସାହନ ଦେଉଛନ୍ତି ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଶାସକ ବିଜେଡି ଦଳର ଆଇଟି ସେଲ୍ ଦ୍ୱାରା ଡ.ଲେଖାଶ୍ରୀଙ୍କ ପ୍ରସଙ୍ଗରେ ବିଭିନ୍ନ ସମୟରେ ଆଶାଳୀନ ଓ ଅଭଦ୍ର ଭାଷା ପ୍ରୟୋଗ କରାଯାଇ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ କରୁଛନ୍ତି । ଆମେ ଏହାକୁ ନେଇ ସାଇବର ଥାନାରେ ଗତ ଜୁନ୍ ମାସ ୩୦ ତାରିଖରେ ମାମଲା ରୁଜୁ କରାଯାଇଥିଲା ଏବଂ କ୍ୟାପିଟାଲ ଥାନାରେ ମଧ୍ୟ ଏତଲା ଦିଆଯାଇଥିଲା। ପୋଲିସ ନିକଟରେ ବାରମ୍ବାର ଅଭିଯୋଗ ସତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଅତୀତରେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁଙ୍କ ଭିଡିଓ ଭାଇରାଲ ହୋଇଥିଲା ବେଳେ ବିଜେପିର କର୍ମୀଙ୍କୁ ଅଯଥା ଜେଲରେ ଭର୍ତି କରିଥିଲେ ମାତ୍ର ଏଠାରେ ପୋଲିସର ହାତ ବନ୍ଧା ପଡିଛି। ଏହା ପୂର୍ବରୁ କେନ୍ଦୁଝର ଥାନାରେ ଏତଲା ଦିଆଯାଇଥିଲା। ପୋଲିସ କିନ୍ତୁ ଅଭିଯୁକ୍ତକୁ ଗିରଫ କଲାନାହିଁ। ଅଭିଯୁକ୍ତକୁ ବାହାରେ ବୁଲିବା ଲୋକେ ଦେଖୁଛନ୍ତି ମାତ୍ର ପୋଲିସ କହୁଛି ସେ ଘରେ ନାହିଁ। ଏହା ରାଜ୍ୟ ସରକାରଙ୍କ ଦୋମୁହାଁ ଚରିତ୍ର ବୋଲି ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି ।

ଏହି ଅବସରରେ ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ କସ୍ତୁରୀ ମିଶ୍ର ଏବଂ ମିଡିଆ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ ।

# ଯୋଗ୍ୟ ହତାଧିକାରୀଙ୍କୁ ପକ୍କାଘର ଯୋଗାଇବା ଦାବିରେ ବିଜେପିର ରାଜ୍ୟବ୍ୟାପି ପ୍ରତିବାଦ

ଭୁବନେଶ୍ୱର,୮/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବଙ୍କୁ ବାସଗୃହ ଆବଂଟନ ପ୍ରସଙ୍ଗରେ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ତାଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ଏକ ମହାଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ରିପୋର୍ଟ ଅନୁଯାୟୀ ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା ହେବା ସହ ପାଖାପାଖି ୧୦୦୦ କୋଟି ଟଙ୍କାର ବାଟମାରଣା ହୋଇଛି । ରାଜ୍ୟରେ ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଯେପରି ବାସଗୃହ ପାଇବାରୁ ବଂଚିତ ନହୁଅନ୍ତି, ସେଥି ପାଇଁ ରାଜ୍ୟ ବିଜେପି ତରଫରୁ ଆଜିଠୁ ୩ ଦିନ ଧରି ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ବିଜେପି ଅଭିଯୋଗ କରିଛି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ, ଗୋଟିଏ ଗୋଟିଏ ପରିବାରରେ ଏକାଧିକ, ଅଯଥା ଅନୁକଂପା ପ୍ରଦର୍ଶନ, ଗୁହାଳକୁ କଚ୍ଚା ଘର ଭାବେ ଜିଓ ଟ୍ୟାଗିଂ କରାଯାଇ ବାସଗୃହ ଆବଂଟନ କରାଯାଇଛି । ଏପରିକି ଏ ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ୱେବସାଇଟରେ ନିର୍ମିତ ଘରର ଡମି/ନକଲି ଏଂଟ୍ରି କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଷ୍ଟିକର ଛୋଟ ଆକାରରେ ଓ ବିଜୁ ପକ୍କା ଘର ଯୋଜନାର ବଡ ଷ୍ଟିକର ଲଗାଯାଇଛି । ପିଏମ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ ନମ୍ବରକୁ ପରିବର୍ତନ କରାଯାଇଛି । ବଲାଙ୍ଗୀର ଜିଲ୍ଲାର ପାଟଣାଗଡରେ ପୂର୍ବତନ ମନ୍ତ୍ରୀ କେ.ଭି.ସିଂହଦେଓ, କଂଟାବାଂଜିରେ ସାଂସଦ ସଂଗୀତା ସିଂହଦେଓ, ଲୋଇସିଙ୍ଗାରେ ବିଧାୟକ ଡ.ମୁକେଶ ମହାଲିଙ୍ଗ; ସମ୍ବଲପୁର ଜିଲ୍ଲା ଜମନକିରାରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଧନକଉଡାରେ ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ; ତାଳଚେରରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ; ଝାରସୁଗୁଡା ଜିଲ୍ଲା କିର୍ମିରା ଓ ଲଇକେରାରେ ବିଧାୟକ ଶଂକର ଓରାମ ଏବଂ ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ; ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲୀ ଓ ଲେଫ୍ରିପଡାରେ ବିଧାୟକ ଭବାନୀ ଭୋଇ ଏବଂ ବିଧାୟିକା କୁସୁମ ଟେଟେ; ଗଜପତି ଜିଲ୍ଲା ଘୁମାରେ ବିଧାୟକ କେ.ନାରାୟଣ ରାଓ ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର; ଭଦ୍ରକ ଜିଲ୍ଲାର ଭଦ୍ରକ ଓ ଚାନ୍ଦବାଲି; ଜଗତସିଂହପୁର ଜିଲ୍ଲାର ତିର୍ତୋଲ; ବରଗଡ ଜିଲ୍ଲାର ଭଟଲି; ସୋନପୁର ଜିଲ୍ଲାର ବିନିକା ବ୍ଲକ ସମେତ ପ୍ରମୁଖ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ବିଡିଓ ଜରିଆରେ ପ୍ରଦାନ କରାଯାଇଥିଲା । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ।

# ବାଲ୍ୟ ବିବାହ ମୁକ୍ତ ହେଲା ନବରଙ୍ଗପୁରର ୮୪ ଗାଁ



ଭୁବନେଶ୍ୱର ,୮/୭ (ନି.ପ୍ର): ନବରଙ୍ଗପୁର ଜିଲ୍ଲାର ୮୪ଟି ଗାଁକୁ ବାଲ୍ୟ ବିବାହ ମୁକ୍ତ ଗାଁ ଭାବରେ ଘୋଷଣା କରିଛି ରାଜ୍ୟ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ। ୨୦୨୦ ଜୁନ ମାସର ଆଦେଶ ଆଧାରରେ ନବରଙ୍ଗପୁର ସମାଜମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଆକ୍ସନଏଡ କନସଲଣ୍ଟାଣ୍ଟ ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ନବରଙ୍ଗପୁରର ବିଭିନ୍ନ ଗାଁ ବୁଲିଥିଲେ। ଏହାପରେ ଏହି ଘୋଷଣା ହୋଇଛି। ନବରଙ୍ଗପୁରରେ ବାଲ୍ୟ ବିବାହ ହାର ୨୬ ପ୍ରତିଶତରୁ ଅଧିକ। ଏଠାରେ ଉଭୟ ଗରିବ ଏବଂ ସ୍ୱଚ୍ଛଳ ବର୍ଗ ପରିବାର ୧୫-୧୬ ବର୍ଷରୁ ଝିଅ ମାନଙ୍କୁ ବିବାହ କରାଇ ଦେଇଥାଆନ୍ତି। ଏହାକୁ ନେଇ ଏହି ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେଉଛି।

# ସିଟି କ୍ଲବ ତରଫରୁ ବନମହୋତ୍ସବ ପାଳିତ

ଭୁବନେଶ୍ୱର,,୮/୭ (ନି.ପ୍ର): ମହାବିଦ୍ୟାଳୟ ପରିସରରେ ବନମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପଦ୍ମବିଭୂଷଣ ଏବଂ ପୂର୍ବତନ ସାଂସଦ ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ବିଶିଷ୍ଟ କ୍ରୀଡ଼ା ସଂଗଠକ ଓ ମହିଳା ଫୁଟବଲ କୋଚ୍ ସ୍ୱର୍ଗତ ନନ୍ଦ କିଶୋର ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, କ୍ଲବର ସଭାପତି ଡଃ ସୌର୍ଯ୍ୟରଞ୍ଜନ ପରିଜା, ସୁଲତା ଦେଓ, ସହଦେବ ରାଉତ, ପ୍ରସନ୍ନ ରାଉତ, ଇଂ. ଶିଶିର ନାୟକ, ଅମରେନ୍ଦ୍ର ମହାପାତ୍ର, ସ୍ଥାନୀୟ ପୂର୍ବତନ କର୍ପୋରେଟର ରମାନାଥ ସାମନ୍ତରାୟ, ନବ ବେହେରା, ନିଖିଳ ବଳବନ୍ତରାୟ, ଦେବରାୟ ମହାବିଦ୍ୟାଳୟର ଅଧକ୍ଷା ଡଃ ରୀନା ଘଡ଼େଇ, ଅଜିତ ସାମନ୍ତରାୟ, ସାଗର ବଳବନ୍ତରାୟ, ମିଳନ ପାଇକରାୟ, ଅର୍ଜୁନ ବେହେରା, ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ ଏବଂ ଜୟଶ୍ରୀ ଧଳ, ତ୍ରିନାଥ ମଙ୍ଗରାଜ, ପବିତ୍ର ରାଉତରାୟ, ଜଲିଲ୍ ଖାନ, ଋଷି ପଟ୍ଟନାୟକ, ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ଯୋଗେନ୍ଦ୍ର ଜେନା, ସୁରଜ ପଣ୍ଡା, ଆଶିଷ କୁମାର ସାହୁ, ସଞ୍ଜୀବ ଆଚାର୍ଯ୍ୟ, କ୍ଷୀରୋଦ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। କ୍ଲବର ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ରାଉତରାୟ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିମ୍ବ, ଦେବଦାରୁ, ଶାଗୁଆନ ଆଦି ଚାରା ବଣ୍ଟନ କରାଯାଇଥିଲା।

# ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଆଦିତ୍ୟ ଦାସଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟ ପକ୍ଷରୁ ସ୍ମୃତିଚାରଣ ସଭା

ଭୁବନେଶ୍ୱର,୮/୭ (ନି.ପ୍ର): ମଙ୍ଗଳବାର ସନ୍ଧ୍ୟା ୬ଘଟିକା ସମୟରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଭାପତିତ୍ୱରେ ବିଶିଷ୍ଟ ସମାଜସେବୀ ତଥା ମାନବ୍ବାଦୀ ସ୍ୱର୍ଗତ ଆଦିତ୍ୟ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ତାଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟ ଜନୀତ ଏକ ଭର୍ଚୁଏଲ୍ ସଭା ଆୟୋଜିତ ହୋଇଥିଲା । ଏଥିରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ଉଦ୍ଘାଟକ,ପ୍ରଫେସର ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟବକ୍ତା, ବିଶିଷ୍ଟ ସାମ୍ବାଦିକ ମାନସ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି, ଶ୍ରୀମତୀ ସଂଗୀତା ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସଭା ଆରମ୍ଭରେ ବ୍ରହ୍ମ ନାଦ ସହ ପ୍ରାରମ୍ଭିକ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ପଣ୍ଡିତ ନାରାୟଣ ରଥ ଓ ଗଗନ ବିହାରୀ ସ୍ୱାଇଁ ।ପରେ ପରେ ସ୍ୱର୍ଗତ ଆଦିତ୍ୟ ଦାସଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସମାଜ ସେବାରେ ସ୍ୱର୍ଗତ ଆଦିତ୍ୟ ଦାସଙ୍କ ଅବଦାନ ଉପରେ ନିମନ୍ତ୍ରିତ ଅତିଥି ଓ ସଭ୍ୟସଭ୍ୟାମାନେ ସ୍ମୃତିଚାରଣ କରିଥିଲେ। ନିଶିଗନ୍ଧକ୍ଷ ଭାଷା ପ୍ରତିଷ୍ଠାନ ଟ୍ରଷ୍ଟ ତରଫରୁ ସ୍ୱର୍ଗତ ଦାସଙ୍କ ମୃତ୍ୟୁ ରହସ୍ୟ ଶୀଘ୍ର ଉନ୍ମୋଚନ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଶୀଘ୍ର ନିଆଯିବା ନିମନ୍ତେ ଅତିଥିମାନଙ୍କୁ ନିବେଦନ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ପ୍ରତିଶ୍ରୁତି ଦେଇଥିଲେ ଆଦିତ୍ୟଙ୍କ ମୃତ୍ୟୁ ରହସ୍ୟର ଉନ୍ମୋଚନ ପଦକ୍ଷେପ ନେବା ପାଇଁ । ଏହି ସ୍ମୃତିଚାରଣ ସଭାକୁ ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ଯୁଧିଷ୍ଠିର ମୁଦୁଲି ପରିଚାଳନା କରିଥିବା ବେଳେ ପ୍ରତିଷ୍ଠାତା ବଳରାମ ତରାଇ ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଭରଚୁଏଲ୍ ସଭାରେ ଅନୁଷ୍ଠାନର କର୍ମକର୍ତ୍ତାଗଣ ତଥା ସମ୍ପାଦିକା ସରସ୍ୱତୀ ନାୟକ, ପଥପ୍ରଦର୍ଶକ ପଦ୍ମନାଭ ତ୍ରିପାଠୀ,ଗୋବିନ୍ଦ ଚନ୍ଦ୍ର ଫାରକ୍ , ଜ୍ୟୋତି ରଞ୍ଜନ ଦାସ, ସନ୍ତୋଷ ପାଢ଼ୀ, ଗଣେଶ ଚନ୍ଦ୍ର ଜେନା, ଗାୟତ୍ରୀ ପଣ୍ଡା, ଅରୁଣୀ ତ୍ରିପାଠୀ, ଅର୍ଚ୍ଚନା ଦାଶ,ନିରଦ ଚନ୍ଦ୍ର ଜେନା,ରାମନାରାୟଣ ଶର୍ମା, କରୁଣାକର ଘଣ୍ଟୁଆଳ, ପ୍ରେମାନନ୍ଦ କୁସୁମ, କୋମାଳି ପତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ନିଶିଗନ୍ଧା ନାରୀ ସଶକ୍ତିକରଣର ସଭାପତି ଶ୍ରୀମତୀ କୌଶଲ୍ୟା ବେଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।


# ୭୮ତମ ପ୍ରକଟ ଉତ୍ସବ ପାଳିତ

ଭୁବନେଶ୍ୱର,୮/୭ (ନି.ପ୍ର): ଆଦିଶଙ୍କରଙ୍କ ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୭୮ତମ ପ୍ରକଟ ଉତ୍ସବ ଆଜି ରାମରାଜ୍ୟ ପରିଷଦ ପକ୍ଷରୁ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଜୁମ୍ ଭିଡ଼ିଓ ଯୋଗେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ୧୯୯୨ ମସିହାରେ ପୂଜ୍ୟପାଦ ଗୁରୁଜୀ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ଭାବେ ଅଧିଷ୍ଠିତ ହେବା ଦିନଠାରୁ, ହିନ୍ଦୁଧର୍ମ ଓ ଗୋମାତାର ସୁରକ୍ଷା ପାଇଁ ବିଶେଷ ଭାବରେ ଭାରତବର୍ଷର ଏକତା ଅଖଣ୍ଡତା ପାଇଁ ବର୍ଷକୁ ୨୫୦ଦିନ ଭାରତଭ୍ରମଣ କରିଥାନ୍ତି। ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ଗୁରୁଜୀ ଜଣେ ପ୍ରଚଣ୍ଡ ବିଦ୍ୱାନ, ବୈଦିକ ଗଣିତରେ ସାରା ବିଶ୍ୱରେ ସେ ହିଁ ଏକମାତ୍ର ବ୍ୟକ୍ତି, ଗଣିତର ସମସ୍ତ ସୂତ୍ରକୁ ବେଦର ସୂତ୍ର ଅନୁସାରେ ସମାଧାନ କରିବାରେ ସକ୍ଷମ। ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ବଂଶ ପରମ୍ପରା କ୍ରମେ ଗୁରୁଜୀଙ୍କ ପରିବାର ଏକ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ଶାଣ୍ଡିଲ୍ୟ ଗୋତ୍ରିୟ ବ୍ରାହ୍ମଣ ପରିବାର। ପରିବାରର ଛାପରେ ଗୁରୁଜୀ ସମ୍ପୂର୍ଣ୍ଣ ଭାବେ ମହିମା ମଣ୍ଡିତ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବୈଦିକ ସ୍ୱସ୍ତିବାଚନ ଓ କାର୍ଯ୍ୟକ୍ରମର ସଂଯୋଜକ ଶିକ୍ଷାବିତ ଡଃ ବଦ୍ରୀନାଥ ପଟ୍ଟନାୟକ ଗୁରୁଜୀଙ୍କ ଅଧ୍ୟାତ୍ମ ବିଷୟରେ ଆଲୋଚନା କରିଥିଲେ। ବୃଦ୍ଧ ମନ୍ଦିରର ସମ୍ପାଦକ ତଥା ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଏକ ବୈଦିକ ଯଜ୍ଞ ସ୍ୱାମୀ ସ୍ୱର୍ଣ୍ଣ ଭବନଠାରେ ପଣ୍ଡିତ ଡଃ ନିରଞ୍ଜନ ବ୍ରହ୍ମା ଓ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଡଃ ଜ୍ଞାନରଞ୍ଜନ ପଣ୍ଡା, ପ୍ରଫେସର ବୁଦ୍ଧଦେବ ମିଶ୍ର, ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମର ଅଧକ୍ଷ ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ଆଇ.ଜି. ଅରୁଣ କୁମାର ଉପାଧ୍ୟାୟ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ପୂର୍ବତନ ଅଧକ୍ଷ ଡଃ ଆର୍ତତ୍ରାଣ ମିଶ୍ର ପ୍ରମୁଖ ଗୁରୁଜୀଙ୍କ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କୁ ଗୁରତ୍ୱ ଦେବା ପାଇଁ କରୁଥିବା ଦାବୀକୁ ସରକାର ଗ୍ରହଣ କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଆୟକର ମୁଖ୍ୟ କମିଶନର ଶରତ ଚନ୍ଦ୍ର ଦାସ, ପ୍ରଫେସର ସୁରେନ୍ଦ୍ର କୁମାର ଦାସ, ସମାଜସେବୀ ସୁଚିସ୍ମିତା ପୃଷ୍ଟି ଓ ଡଃ ନିବେଦିତା ପଟ୍ଟନାୟକ ପ୍ରମୁଖ, ଶ୍ରୀଜଗନ୍ନାଥଙ୍କ ପ୍ରତି ଗୁରୁଜୀ ଏକ ସମର୍ପିତ ପ୍ରାଣ ବୋଲି କହିଥିଲେ।

# ଗୁରୁତର ପୀଡ଼ିତ ବୃଦ୍ଧଙ୍କୁ ରକ୍ତଦାନ

ଭୁବନେଶ୍ୱର,୮/୭ (ନି.ପ୍ର): କରୋନା ମହାମାରୀ ସମୟରେ ଶେଖ ଅବୁ କଲାମ ନାମକ ୬୧ବର୍ଷ ବୟସ୍କ ବୃଦ୍ଧଙ୍କୁ ରକ୍ତଦାନ କରିଛନ୍ତି ମୁଗୁପୁର ସମାଚାରର ସହ ସଂପାଦକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ। ଶେଖ ଅବୁ କଲାମଙ୍କ କେୟାର ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ଅଛନ୍ତି। ହଠାତ ଖବର ପାଇ ହସ୍ପିଟାଲରେ ପହଂଚିବା ସହିତ ବି ପଜିଟିଭ୍ ରକ୍ତ ଆବଶ୍ୟକ ହେଉଥିବାରୁ ସେ ପ୍ରଦାନ କରିଥିଲେ। ସେ କହିଥିଲେ ବର୍ତମାନ ରାଜ୍ୟରେ ରକ୍ତର ଅଭାବ ଓ ଅସହାୟ ବ୍ୟକ୍ତିମାନଙ୍କୁ ସମସ୍ତେ ସହଯୋଗ କରିବା ପାଇଁ ଆଗେଇ ଆସନ୍ତୁ।

# ୩ ଜିଲ୍ଲାରେ ସାପ୍ତାହିକ ସଂକ୍ରମଣ ହାର ୧୦%ରୁ ଅଧିକ



ଭୁବନେଶ୍ୱର,୮/୭ (ନି.ପ୍ର): ରାଜ୍ୟର ୩ଟି ଜିଲ୍ଲାରେ ସଂକ୍ରମଣ ହାର ୧୦ ପ୍ରତିଶତରୁ ଅଧିକ ରହୁଛି। ଜୁଲାଇ ୪ତାରିଖ ସୁଦ୍ଧା ବାଲେଶ୍ୱର, ଢେଙ୍କାନାଳ ଓ ନୂଆପଡ଼ା ଜିଲ୍ଲାରେ ଏଭଳି ବୃଦ୍ଧି ନଜରକୁ ଆସିଛି। ବିଶେଷକରି ନୂଆପଡ଼ା ଜିଲ୍ଲାରେ ୨୭ଜୁନ୍ ସୁଦ୍ଧା ସାପ୍ତାହିକ ସଂକ୍ରମଣ ହାର ୧୧ ପ୍ରତିଶତ ଥିବା ବେଳେ ୪ ଜୁଲାଇ ସୁଦ୍ଧା ୨୭ ପ୍ରତିଶତ ଦେଖିବାକୁ ମିଳିଛି। ଯାହାକି ଚିନ୍ତାଜନକ। ତେଣୁ ଏସବୁ ଜିଲ୍ଲା ଉପରେ ନଜର ରଖିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ। ଓଡ଼ିଶାରେ ଗତ ୪ ସପ୍ତାହ ହେବ ସଂକ୍ରମଣ ହାର ନିୟମିତ ଭାବେ ହ୍ରାସ ପାଉଛି। ଗତ ୪ତାରିଖ ସୁଦ୍ଧା ସାପ୍ତାହିକ ସଂକ୍ରମଣ ହାର ୫.୩୬ ପ୍ରତିଶତ ରହିଛି। ମାତ୍ର ବାଲେଶ୍ୱର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲ୍ଲାରେ ପୂର୍ବ ସପ୍ତାହ ତୁଳନାରେ ଚଳିତ ସପ୍ତାହରେ ସଂକ୍ରମଣ ହାରରେ ବୃଦ୍ଧି ହୋଇଛି। ତେଣୁ ଏସବୁ ଜିଲ୍ଲାରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ସହିତ କଣ୍ଟାକ୍ଟ ଟ୍ରେସିଂ ଓ ଆଇସୋଲେସନ୍ ଉପରେ ଗୁରୁତ୍ୱ ଦିଆଯାଉ। ତେଣୁ ସଂକ୍ରମଣ ଅଧିକ ଥିବା ଜିଲ୍ଲାରେ ଅଧିକ ସଂଖ୍ୟାରେ ପରୀକ୍ଷା କରିବା ସହିତ ପ୍ରତ୍ୟେକ ଜିଲ୍ଲାରେ ସଂକ୍ରମଣ ହାରକୁ ୫ ପ୍ରତିଶତରୁ କମ୍ ରଖିବା ଲାଗି ଉଦ୍ୟମ କରାଯିବା ଜରୁରୀ। ସେହିପରି ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଅକ୍ସିଜେନ୍ ଓ ଆଇସିୟୁ ଶଯ୍ୟାରେ ଯଦି ୪୦ ପ୍ରତିଶତରୁ ଅଧିକ ରୋଗୀ ରହିଛନ୍ତି ତାହା ଉପରେ ନଜର ରଖିବାକୁ କୁହାଯାଇଛି। ଏସବୁ ଜିଲ୍ଲାରେ ଚିକିତ୍ସା ବ୍ୟବସ୍ଥାରେ ବୃଦ୍ଧି ସହିତ ସ୍ଥାନୀୟ ଅଞ୍ଚଳରେ ସଂକ୍ରମଣର ବ୍ୟାପକତାକୁ ନଜରରେ ରଖି ଅନ୍ୟାନ୍ୟ ବ୍ୟବସ୍ଥା କରାଯାଉ। ଏହାସହ ଅଧିକରୁ ଅଧିକ ଟିକାକରଣ ସହିତ ୧୮ବର୍ଷରୁ ଅଧିକ ଲୋକଙ୍କ ପ୍ରାଥମିକତା ଭିତ୍ତିରେ ଟିକାକରଣକୁ ଗୁରୁତ୍ୱ ଦିଆଯିବା ଜରୁରୀ। ରାଜ୍ୟରେ କରୋନା ମୃତ୍ୟୁ ହାର ୦.୪୬ ପ୍ରତିଶତ ରହିଛି। ମାତ୍ର ଗତ ୨ସପ୍ତାହରେ ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ନଜରକୁ ଆସିଛି। ଖୋର୍ଦ୍ଧା ଜିଲ୍ଲାରେ ଗତ ସପ୍ତାହରେ ୫୮ ମୃତ୍ୟୁ ଘୋଷଣା ହୋଇଛି। ଯାହାକି ରାଜ୍ୟରେ ସର୍ବାଧିକ। ରାଜ୍ୟରେ ଏହି ସମୟରେ ୩୦୯ଜଣ ପ୍ରାଣ ହରାଇଥିବା ନେଇ ରିପୋର୍ଟ ହୋଇଛି।

# ଲକଡ଼ାଉନରେ ଲୋକଙ୍କୁ ଜୀବିକା ସୁରକ୍ଷା ଭତ୍ତା ଯୋଗାଇ ଦିଅ ନଚେତ ଆନ୍ଦୋଳନ : ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର,୮/୭ (ନି.ପ୍ର): କରୋନା ଠାରୁ ଲକଡ଼ାଉନ ଅତ୍ୟନ୍ତ ଭୟଙ୍କର। କରୋନା କିଛି ଲୋକଙ୍କ ଜୀବନ ନେଇଛି ଓ ଆଉ କେତେକଙ୍କ ମଧ୍ୟରେ ଭୟ ସଞ୍ଚାର କରୁଛି। ହେଲେ ଲକଡ଼ାଉନ ସବୁକିଛି ଉଜାଡ଼ି ଥିଲାବାଲା ଲୋକଙ୍କୁ ବି ଦରିଦ୍ର କରି ଦାଣ୍ଡର ଭିକାରୀ କରିସାରିଲାଣି। ଯଦି ଲକଡ଼ାଉନ ଓ ସଟଡ଼ାଉନ ଏକମାତ୍ର ବିକଳ୍ପ, ତେବେ ଧାରା ୨୧ ଅନୁସାରେ ଲୋକଙ୍କ ଜୀବିକା ସୁରକ୍ଷା ଭତ୍ତା ଦିଆଯିବ ନାହିଁ କାହିଁକି ? ଜର୍ମାନ, ଆମେରିକା ଭଳି ଦେଶରେ ଲକଡ଼ାଉନ, ସଟଡ଼ାଉନ କ୍ଷତିଗ୍ରସ୍ତଙ୍କୁ ବିଶେଷକରି ସବୁବର୍ଗଙ୍କୁ ଟଙ୍କା ବଣ୍ଟାଯାଇଛି। ହେଲେ ଏଠି କେବଳ ଲୋକଙ୍କୁ ଭିକାରୀ ପରି ଚାଉଳ ଗଣ୍ଡେ ଫିଙ୍ଗିଦେଇ ସରକାର ତାଙ୍କ ନୈତିକ ଦାୟିତ୍ୱ ଶେଷ କରିଦେଉଛନ୍ତି। ଗତ ଦେଢବର୍ଷରୁ ଉର୍ଦ୍ଧ୍ୱ କରୋନା କାଳରେ ସେଲୁନ, ସ୍ପା, କ୍ଷୁଦ୍ର ବ୍ୟବସାୟୀ, ମଟର ସଂଘ, ଚାଷୀ, କଳାକାର ସମସ୍ତେ ନାହିଁ ନଥିବା ଅକଥନୀୟ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ରୋଜଗାରକ୍ଷମବର୍ଗ ଦିନମଜୁରିଆଙ୍କ ହାତ ସରକାର ଗୋଟେପଟେ ବାନ୍ଧି ଦେଇଥିଲା ବେଳେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଦୁଇଗୁଣା ବଢିଛି। ପେଟ୍ରୋଲ, ଡ଼ିଜେଲ, ଖାଇବା ତେଲ ଓ ଡ଼ାଲି ସବୁର ଅହେତୁକ ଦର ବୃଦ୍ଧି ଘଟିଛି। ଚାଷକ୍ଷେତ୍ର ଅଧିକ କ୍ଷତିଗ୍ରସ୍ତ ହୋଇଛି। କରୋନା ନାମରେ ମଣ୍ଡି ବନ୍ଦ ହୋଇଗଲା। ପରିବା ବିକ୍ରି ପାଇଁ ହାଟ ବଜାରରେ ସୁବିଧା ପାଇଲେନି ଚାଷୀ। ସେଲୁନ, ସ୍ପା, ରେଡିମେଡ଼ ଦୋକାନ ଏମାନେ କର୍ମଚାରୀଙ୍କୁ ଦରମା ଦେବା ତ ଛାଡ଼, ନିଜକୁ ଚଳାଇବାକୁ ଅନେକ ମାଲିକ ଅକ୍ଷମ। ଏ ନେଇ ସରକାର କେତେ ଆର୍ଥିକ ସମୀକ୍ଷା କରୁଛନ୍ତି। ଆଜି ଲୋୟର ପିଏମ୍‌ଜିରେ ଚାଷୀ ସଂଗଠନ ଯୋଗାଯୋଗରେ ସମସ୍ତ ବର୍ଗର ଆନ୍ଦୋଳନକୁ ଭାଷଣ ଦେଇ ଏ ବକ୍ତବ୍ୟ ରଖିଛନ୍ତି ନବନିର୍ମାଣ କୃଷକ ସଂଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର। ସେ କହିଛନ୍ତି ଯେ, ଦେଶ ଓ ରାଜ୍ୟ କହିଲେ ଦେଶବାସୀ ଓ ରାଜ୍ୟବାସୀଙ୍କୁ ବୁଝାଏ। ହେଲେ ଏଠି ହାତଗଣତି କର୍ମଚାରୀଙ୍କୁ ଦାୟିତ୍ୱ ନିଭାଇ ସରକାର ବସି ଯାଉଛନ୍ତି। ପ୍ରଥମ ଲକଡ଼ାଉନରେ ଲୋକେ ସଞ୍ଚିତ ପାଣ୍ଠି ଖର୍ଚ୍ଚ କରୁଥିଲେ, ଏଥର ଅବସ୍ଥା ଅସମ୍ଭାଳ। କଳାକାର ସଂଘ, ଜିମ୍ ସଂଗଠନ, ବିୟୁଟିପାର୍ଲରର ସଂଗଠନ ଓ ପରିବହନ ସଂଗଠନ ନେତା ପ୍ରମୁଖ ନିଜ ନିଜ ବ୍ୟବସାୟର ଦୁଃଖ ବର୍ଣ୍ଣନା କରି ସେମାନେ ଦୈନନ୍ଦିନ ଜୀବନରେ ନିଜକୁ ଚଳାଇବାର କିଭଳି ତୀବ୍ର ସଙ୍କଟର ସମ୍ମୁଖୀନ ହେଉଛନ୍ତି ସେ କଥା ଆଲୋଚନା କରିବା ସହିତ ସରକାର ଯଦି ସାମ୍ବିଧାନିକ ଦାୟିତ୍ୱ ଦୃଷ୍ଟିରୁ ରୋଗ ସହ ଭୋକ କଥା ନବୁଝନ୍ତି, ତେବେ ଗଣବିଦ୍ରୋହ ହେବ ବୋଲି ଘୋଷଣା କରିଥିଲେ। ଜିମ୍ ସଂଘର ଅମ୍ରିତା ମିଶ୍ର, ଯାତ୍ରା କଳାକାର କର୍ମଚାରୀ ସଂଘର ସଭାପତି ଦୈତାରୀ ପଣ୍ଡା, ଉପଦେଷ୍ଟା ବାପି ପଣ୍ଡା, ସମ୍ପାଦକ ଆର.କେ. ହୀରାଲାଲ, ମ୍ୟାଜିକ ସଂଘର ମହେନ୍ଦ୍ର ହରିଚନ୍ଦନ, ଶୋବିତା ନିଉଲି, ବୈଶାଳୀ ମହାପାତ୍ର, ଶୋଭା ଅପା, ଭୁବନେଶ୍ୱର ବସ୍ ଆସୋସିଏସନର ବରଦା ଆଚାର୍ଯ୍ୟ ଓ କୋଚିଂ ସେଣ୍ଟରର କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ଆଜିର କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରଶ୍ମିରଞ୍ଜନ ସ୍ୱାଇଁ, ନିମାଇଁ ରାୟ, ଯୁବଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ବାଲେଶ୍ୱର ଶୁକ୍ରବାର, ୦୯ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡିଶାରୁ ୩ ପ୍ରତିନିଧି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି

ଭୁବନେଶ୍ୱର,୦୮/୦୭ (ନି.ପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୨ ବର୍ଷ ପୂର୍ତି ପରେ ପ୍ରଥମ ଥର ପାଇଁ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହୋଇଛି । ଏହି ସଂପ୍ରସାରଣରେ ଓଡିଶାର ୨ ଜଣ ସାଂସଦ ବିଶେଶ୍ୱର ଟୁଡୁ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ନୂତନ ଭାବେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିଛି । ରାଜ୍ୟସଭା ସାଂସଦ ଶ୍ରୀ ବୈଷ୍ଣବଙ୍କୁ ରେଳ ମନ୍ତ୍ରାଳୟ ସମେତ ସୂଚନା ଓ ପ୍ରଯୁକ୍ତି ବିଭାଗର କ୍ୟାବିନେଟ ମନ୍ତ୍ରୀ ଦାୟୀତ୍ୱ ଦିଆଯାଇଥିବାବେଳେ ସାଂସଦ ଶ୍ରୀ ଟୁଡୁଙ୍କୁ ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ମିଶନ ରାଷ୍ଟ୍ରମନ୍ତ୍ରୀ ଦାୟୀତ୍ୱ ପ୍ରଦାନ କରାଯାଇଛି । ଏଥି ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗୀ ଭଳି ସମ୍ମାନଜନକ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟୀତ୍ୱ ପ୍ରଦାନ କରାଯାଇଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏଥି ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ବିଶେଶ୍ୱର ଟୁଡୁଙ୍କୁ ସେମାନଙ୍କ ନୂତନ ଦାୟୀତ୍ୱ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ମୋଦି ସରକାରରେ ଓଡିଶା ସର୍ବଦା ଫୋକସରେ ରହିଛି। ଓଡିଶାର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବଦ୍ଧପରିକର । ୨୦୧୪ ମସିହାରେ କେନ୍ଦ୍ରରେ ଶାସନ କ୍ଷମତାକୁ ଆସିବାଠାରୁ ପ୍ରଧାନମନ୍ତ୍ରୀ 'ଓଡିଶା ଏବଂ ଓଡିଆ'ଙ୍କୁ ସବୁବେଳେ ପ୍ରାଥମିକତା ଦେଇ ଆସୁଛନ୍ତି । କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡିଶାର ପ୍ରତିନିଧିତ୍ୱ ବୃଦ୍ଧି ପାଇଥିବା କାରଣରୁ ଓଡିଶାର ବିକାଶ କାର୍ଯ୍ୟରେ ଏହା ନିଶ୍ଚିତ ସହାୟକ ହେବ । ବିଶେଷ ଭାବେ ରାଜ୍ୟରେ ରେଳ, ସୂଚନା ଓ ପ୍ରଯୁକ୍ତି, ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗୀ, ଜଳଶକ୍ତି ବିଭାଗ କ୍ଷେତ୍ରରେ ବହୁ ବିକାଶ ହୋଇପାରିବ । ଓଡିଶାର ବିକାଶ ପାଇଁ ମୋଦି ସରକାର ସମସ୍ତ ପ୍ରକାରର ସହାୟତା ଓ ସହଯୋଗର ହାତ ବଢାଉଥିବାବେଳେ ରାଜ୍ୟରେ ଏହାର ବାଧକ ନସାଜି ବିକାଶ କାର୍ଯ୍ୟକୁ ଆଗେଇ ନେବା ପାଇଁ ଶାସକ ବିଜେଡି ସରକାର ତତ୍ପରତା ପ୍ରକାଶ କରିବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି ।

# ବଜାର ମୂଲ୍ୟ ବୃଦ୍ଧି ବିରୋଧରେ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆନ୍ଦୋଳନ ଆସନ୍ତା ୧୫ରେ



ଜଳେଶ୍ୱର,୦୮/୦୭ (ନି.ପ୍ର): କରୋନା ମହାମାରୀରେ ଜୀବନ ଜିବୀକା ବିପର୍ଯ୍ୟନ୍ତ ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲ ଇତ୍ୟାଦିର ଦର ବଢାଇ ଚାଲିଛନ୍ତି । ପେଟ୍ରୋଲଜାତ ଦ୍ରବ୍ୟ ଉପରେ ରାଜ୍ୟ ଓ କେନ୍ଦ୍ର ସରକାର ୨ ଗୁଣା ଟିକସ ବସାଇଛନ୍ତି । ୧୯୫୫ର ଆଇନ୍ ରଦ୍ଦ କଲାପରେ ଜିନିଷଶପତ୍ରର ଦର ବେଲଗାମ ଆଡେ ଧାଇଁଛି । ତେଣୁ ପେଟ୍ରୋଲ, ଡିଜେଲ ଉପରେ ଦର କମାଇବା, ୩ଟି କଳାକୃଷି ଆଇନ୍‌କୁ ବାତିଲ କରିବା, ଆୟ କର ଦେଉନଥିବା ପରିବାରକୁ ମାସିକ ୭୫୦୦ ଟଙ୍କା ଓ ୧୦କେଜି ଚାଉଳ କିମ୍ବା ଗହମ ପ୍ରଦାନ ସହିତ ୨୩ଟି ଅତ୍ୟାବଶ୍ୟକ ରେସନ କିଟ୍ ଯୋଗାଇବାଲାଗି କୃଷକ ସଂଘର୍ସ ସମନ୍ୱୟ ସମିତି ଦାବି କରିଛି । ଅନ୍ୟଥା ଆସନ୍ତା ୧୫ ତାରିଖରେ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏ ସମ୍ପର୍କରେ ଆଜି ଷ୍ଟେସନବଜାର ଠାରେ ପ୍ରତିବାଦ ବିକ୍ଷୋଭରେ ଦିଲ୍ଲିପ କୁମାର ଗିରି, ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ରତନ ଦାସ, ଜୀବନ ପରିଡା, ଜ୍ୟୋତିନ ଜେନା, ବସନ୍ତ ପ୍ରଧାନ, ସେକ୍ ଅବଦୁଲ ସାଦିକ, ମଦନ ମହାଲି ଓ ଅବଦୁଲ ରହିମ୍ ବିକ୍ଷୋଭର ନେତୃତ୍ୱ ନେଇଥିଲେ ।

## ଜଳେଶ୍ୱର ପୁଲିସ୍‌ର ଚଡାଉ : ୧ ଲକ୍ଷରୁ ଉର୍ଦ୍ଧ୍ୱ ବ୍ରାଉନ୍‌ସୁଗର ଜବତ୍ ୨ ଗିରଫ

ଜଳେଶ୍ୱର ୮/୭(ନି.ପ୍ର) : ଆଜି ବୁଧବାର ସଂଧ୍ୟାରେ ବାଲେଶ୍ୱର ଜିଲାର ଜଳେଶ୍ୱର ପୁଲିସ୍ ଥାନା ଅଧିନ ନାମ୍ପୋ ହାଇସ୍କୁଲ ପଛପଟେ ପୁଲିସ୍ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବଜାରଶୋଳର ରାଜେଶ ବିଶ୍ୱାଳ, ନନ୍ଦିକା ଗାଁର ଦିପକ ଦାସ (୩୨) । ସେମାନଙ୍କ ନିକଟରୁ ୧୦.୫ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ କରାଯାଇଛି । ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷ୫ହଜାର ହେବ ବୋଲି ଜଣାଯାଇଛି । ଚଢାଉ ସମୟରେ ଅନ୍ୟକେତେଜଣ ଯୁବକ ସେଠାରୁ ଚମ୍ପଟ ମାରିଥିବା ଜଣାଯାଇଛି । ଏହି ଚଢାଉରେ ଏସ୍‌ଆଇ ଦିଲ୍ଲିପ ସାମଲ ଓ ସତ୍ୟନାରାୟଣ ବଳଙ୍କ ସହିତ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ ।

## ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟରେ କୋଭିଡ୍-୧୯ ଆଣ୍ଟିବଡି ପରୀକ୍ଷା ସୁବିଧା ଉତ୍ସର୍ଗୀକୃତ

ପାରାଦୀପ,୦୮/୦୭ (ନି.ପ୍ର): କୋଭିଡ୍-୧୯ ସଂକ୍ରମଣ ମହାମାରୀ ପ୍ରତିକାର କ୍ଷେତ୍ରରେ ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବନ୍ଦର କର୍ମଚାରୀଙ୍କ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସେବାରେ ଏହି ଚିକିତ୍ସାଳୟରେ ରାଜ୍ୟରେ ସମସ୍ତ ଚିକିତ୍ସାଳୟ ମଧ୍ୟରେ ଆଦର୍ଶ ସୃଷ୍ଟି କରିପାରିଛି । ତେବେ ବୁଧବାର ଦିନ ଆଉ ପାଦେ ଆଗକୁ ଯାଇ ବନ୍ଦର ଚିକିତ୍ସାଳୟରେ କୋଭିଡ୍-୧୯ ଆଣ୍ଟିବଡି ପରୀକ୍ଷା ସୁବିଧା ଉତ୍ସର୍ଗୀକୃତ ହୋଇଛି । ଏହି ସୁବିଧାକୁ ବନ୍ଦର ଉପାଧକ୍ଷ ଆଶିଷ କୁମାର ବୋଷ ଉଦ୍‌ଘାଟନ କରି ଏହି ବ୍ୟବସ୍ଥା ଯୋଗୁଁ ବନ୍ଦର ର କର୍ମଚାରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା ଙ୍କ ସମେତ ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ମହାପ୍ରଭୁଙ୍କ ହେଲା ବନକ ଲାଗି

ପୁରୀ,୦୮/୦୭ (ନି.ପ୍ର): ଅନବସରରେ ଥିବା ଦାରୁବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଖଳିଲାଗି ହେବା ପରେ ଆଜି ବନକ ଲାଗି କରାଯାଇଛି । ଖଳି ଲାଗି ଓ ଚକଟାଭୋଗ ଶେଷ ହେବା ପରେ ଆଜି ସକାଳ ୬ଟା ୫୦ରେ ଶୁଦ୍ଧ ସୁଆର ପ୍ରବେଶ କରି ଝୁଣା ବାହାରିବା ନୀତି ସମ୍ପନ୍ନ କରିବା ପରେ ସକାଳ ୮ଟା ୧୫ସୁଦ୍ଧା ବାହାରିଥିଲେ । ସକାଳ ୯ଟା ୪୦ରେ ଶ୍ରୀପୟରମୁଦାକୁ ଦଇତାପତି ପ୍ରବେଶ କରିଥିଲେ । ମଧ୍ୟାହ୍ନ ଗୋଟାଏ ସମୟରେ ଦଇତାପତି ବାହରିବା ପରେ ଗୋଟାଏ ୫ମିନିଟ୍ ସମୟରେ ବନକଲାଗି ପାଇଁ ଦତ୍ତ ମହାପାତ୍ର ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ । ଅପରାହ୍ନ ୪ଟାରେ ଦତ୍ତ ମହାପାତ୍ର ବାହାରିବା ପରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତି ସମ୍ପାଦିତ ହୋଇଥିଲା ।

## ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନୂଆ ନିର୍ଦ୍ଦେଶକ ରୂପେ ଆଇ.ଏ.ଏସ. ଅଧିକାରୀ ଡ଼. ଯେଦୁଲା ବିଜୟ ଦାୟିତ୍ୱ ଗ୍ରହଣ

କଟକ,୦୮/୦୭ (ନି.ପ୍ର): ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନୂଆ ନିର୍ଦ୍ଦେଶକ ରୂପେ ଆଇ.ଏ.ଏସ. ଅଧିକାରୀ ଡ଼. ଯେଦୁଲା ବିଜୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବେରୁ ଡ଼. ବିଜୟ ମାଲକାନଗିରିର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । ଡ଼. ବିଜୟ ଜଣେ ଦକ୍ଷ ଓ କର୍ମଠ ଅଧିକାରୀ । ଆଜି ଦାୟିତ୍ୱ ଗ୍ରହଣ କରି ସେ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ମାନଙ୍କ ଏକ ବୈଠକରେ ଅଧକ୍ଷତା କରିଥିଲେ ଓ ରାଜ୍ୟରେ ପ୍ରାଣୀସମ୍ପଦ ବିକାଶକୁ ଉଚ୍ଚତର ସୋପାନରେ ପହଞ୍ଚାଇବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରାଣୀପାଳନ ଗ୍ରାମ୍ୟ ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ । ଅନେକତ୍ର ଗ୍ରାମ୍ୟ କୃଷିଜୀବୀ, କର୍ମଜୀବୀ, ଶିକ୍ଷିତ ଯୁବକ ଯୁବତୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟମାନେ ପ୍ରାଣୀପାଳନ ମାଧ୍ୟମରେ ନିଜର ଜୀବିକା ନିର୍ବାହ କରିବା ସାଙ୍ଗକୁ ନିଜର ଆୟ ବୃଦ୍ଧି କରିଥାନ୍ତି । ସେମାନଙ୍କୁ ଜୀବିକା ଯୋଗାଇ ଦେବା ସକାଶେ ପ୍ରାଣୀପାଳନ ସମ୍ବନ୍ଧୀୟ ସେବା ପ୍ରଦାନକୁ ଦୃଢ଼ କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶକ କହିଥିଲେ । ଚାଷୀ ଓ ପ୍ରାଣୀପାଳକଙ୍କ ଆୟବୃଦ୍ଧି ଓ ସେମାନଙ୍କ ସାମାଜିକ-ଅର୍ଥନୈତିକ ବିକାଶ ନିମନ୍ତେ ପ୍ରାଣୀଚିକିତ୍ସା ଅଧିକାରୀମାନେ ସମର୍ପିତ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବାକୁ ସେ ପ୍ରବର୍ତ୍ତାଇଥିଲେ । ଏହି ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଲୋକନାଥ ବେହେରା, ଡାକ୍ତର ପ୍ରେମାନନ୍ଦ ରାଉତ, ଡାକ୍ତର ପ୍ରତାପ କିଶୋର ଖମାରି ଓ ନିର୍ଦ୍ଦେଶାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ସାଂସଦ ବିଶେଶ୍ୱର ଟୁଡୁଙ୍କୁ ମିଳିଲା ମନ୍ତ୍ରୀପଦ

## ମୟୂରଭଞ୍ଜ ବିଜେପି କର୍ମକର୍ତ୍ତା ମହଲରେ ଖୁସିର ଲହରୀ



ବାରିପଦା,୦୮/୦୭ (ନି.ପ୍ର): କେନ୍ଦ୍ର ମୋଦୀ ସରକାରଙ୍କ ୨ୟ ପାଳିର ପ୍ରଥମ ମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣରେ ମୟୂରଭଞ୍ଜ ସାଂସଦ ଇଂ ବିଶେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ମିଳିଥିବାରୁ ମୟୂରଭଞ୍ଜ ବିଜେପି ନେତା ଓ କର୍ମୀ ମହଲରେ ଖୁସିର ଲହରୀ ଖେଳି ଯାଇଛି । ବିଶେଷ କରି ବିଜେପି ମହିଳା କର୍ମୀ ମାନେ ବିଭିନ୍ନ ସ୍ଥାନରେ ଖୁସି ମନାଇ ଥିବାର ଦେଖାଯାଇଛି । ଆଜି ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ଦିନ ତମାମ ସାଂସଦ ବିଶେଶ୍ୱର ଙ୍କୁ ମନ୍ତ୍ରୀ ପଦ ମିଳିବା ନେଇ ରାଜନୈତିକ ଚର୍ଚ୍ଚା ଲାଗିରହିଥିବା ବେଳେ ସଂଧ୍ୟା ରେ ମନ୍ତ୍ରୀ ପଦର ଶପଥ ନେଇଥିବାର ଜଣା ଯାଇଛି । ତେବେ ବିଗତ ୨୦୧୯ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଗୋଟିଏ ଲୋକସଭା ସାଂସଦ କ୍ଷେତ୍ର ସହ ମୋଟ ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ୭ଟିରେ ବିଜେପି ବିଜୟ ଲାଭ କରିଥିଲା । ତେବେ ଚଳିତ ଥର କେନ୍ଦ୍ର ମନ୍ତ୍ରୀ ମଣ୍ଡଳ ସଂପ୍ରସାରଣରେ ଆଦିବାସୀ ଓ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ, ଆଗାମୀ ସାଧାରଣ ନିର୍ବାଚନ କୁ ଦୃଷ୍ଟିରେ ରଖି ବିଜେପି ତାର ରଣନିତୀ ମୁତାବକ କେନ୍ଦ୍ର ମନ୍ତ୍ରୀ ମଣ୍ଡଳ ସଂପ୍ରସାରଣ କରିଥିବା ରାଜନୈତିକ ସମୀକ୍ଷକ ମାନେ ମତରଖିଛନ୍ତି । ତେବେ ମୟୂରଭଞ୍ଜ ପ୍ରତି କେନ୍ଦ୍ର ସରକାର ତଥା ବିଜେପି ସ୍ୱତନ୍ତ୍ର ଧ୍ୟାନ ଦେଉଥିବାର ଦେଖା ଯାଉଥିବା ବେଳେ, ମୟୂରଭଞ୍ଜ ବାସୀ ମଧ୍ୟ ଜିଲ୍ଲାର ବିକାଶ ଦିଗରେ କେନ୍ଦ୍ରମନ୍ତ୍ରୀ ଇଂ ଟୁଡୁଙ୍କ ଠାରୁ ବହୁ ଆଶା ରଖିଥିବାର ଦେଖାଯାଇଛି । ମନ୍ତ୍ରୀ ପଦରେ ଅଭିଷିକ୍ତ ହେଲାପରେ ଦିଲ୍ଲୀରେ ଉପସ୍ଥିତ ଥିବା ମୟୂରଭଞ୍ଜ ବିଜେପିର ବରିଷ୍ଠ ନେତା ଜୀବନ ସାହୁ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି ।

## ଆରଟିପିସିଆର ଟେଷ୍ଟ ଲାଗି ନମୁନା ଦେଲେ ଗଣମାଧ୍ୟମ ପ୍ରତିନିଧି

ପୁରୀ,୦୮/୦୭ (ନି.ପ୍ର): ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ମହାମାରୀ କରୋନା କଟକଣା ଯୋଗୁଁ ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ବିନାଭକ୍ତରେ ସମ୍ପନ୍ନ ହେବ ଏହି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ରଥଯାତ୍ର ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ରଥଯାତ୍ରାରେ ସାମିଲ ହେବାକୁଥିବା ସେବାୟତ, ପ୍ରଶାସନିକ ଅଧିକାରୀ ଓ ଗଣମାଧମ ପ୍ରତିନିଧିମାନଙ୍କ ଲାଗି ଆରଟିପିସିଆର ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି । ପୃଥକସ୍ଥାନରେ ସେବାୟତମାନଙ୍କ ଲାଗି ଆରଟିପିସିଆର୍ ଟେଷ୍ଟିଂ ସେଣ୍ଟର କରାଯାଇଥିବାବେଳେ ପ୍ରଶାସନିକ ଅଧିକାରୀ ଓ ଗଣମାଧମ ପ୍ରତିନିଧିମାନଙ୍କ ଲାଗି ସଦ୍‌ଭାବନାଗୃହ ଠାରେ ସେଣ୍ଟ କରାଯାଇଛି । ଆଜି ଖୋଦ୍ ଜିଲ୍ଲାପାଳ ସମର୍ଥ ବର୍ମା ମଧ୍ୟ ଆରଟିପିସିଆର ଟେଷ୍ଟ ଲାଗି ନିଜର ନମୁନା ଦେଇଛନ୍ତି । ରଥ ନିର୍ମାଣ ଠାରୁ ଆରମ୍ଭ କରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଆଲୋକୀକରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଜିଲ୍ଲାପାଳ ବ୍ୟକ୍ତିଗତଭାବେ ତଦାରଖ କରୁଥିବାବେଳେ ବିଭିନ୍ନ ସେବାୟତ ନିଯୋଗ ସହିତ ସବୁ ସମୟରେ ଯୋଗାଯୋଗ ରଖୁଛନ୍ତି ।

# ବନ ମହୋତ୍ସବ ସପ୍ତାହ ପାଳିତ



ପାରାଦୀପ,୦୮/୦୭ (ନି.ପ୍ର): ପିପିଏଲ ଡିଏଭି ସ୍କୁଲ ପରିସରରେ ଗତ ୧ତାରିଖ ଠାରୁ ୭ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଆଜିର ଏହି ଉଦ୍‌ଯାପନୀ ସମାରୋହରେ ସ୍କୁଲ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପିପିଏଲର ସି.ଓ.ଓ. ରଣଜିତ ସିଂ ଚୁଗଙ୍କ ସମେତ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଯୋଗ ଦେଇ ନିମ୍ବ, କାରଣ, ବେଗୁନିଆ ଓ ଆମ୍ବ ଆଦି ଚାରା ରୋପଣ କରିଥିଲେ । ଏହି ଅବସରରେ ଶ୍ରୀ ଚୁଗ ବୃକ୍ଷର ମହତ୍ୱ ବିଷୟରେ ସୂଚନା ଦେଇଥିଲେ । ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପିଲାମାନଙ୍କ ମଧ୍ୟରେ ଅନଲାଇନ୍ କ୍ୱିଜ ପ୍ରତିଯୋଗିତା କରାଯାଇଥିଲା । ସପ୍ତାହ ବ୍ୟାପି ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ଫଳାଫଳ ଘୋଷଣା ମଧ୍ୟ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ସଂଜୀବ କୁମାର ସାହୁ ଏବଂ ଦୁଇ ସୁପରଭାଇଜର ବୃନ୍ଦାବନ ରାଉତ ଓ ରାଜଶ୍ରୀ ମହାପାତ୍ରଙ୍କର ତତ୍ତ୍ୱାବଧାନରେ ଏହି ବନ ମହୋତ୍ସବ ସପ୍ତାହ ସୁଚାରୁ ରୂପେ ସଂପୂର୍ଣ୍ଣ ହୋଇଥିଲା ।

# ବେସାହାରା ପରିବାରଙ୍କୁ ସାହାଯତା କଲେ କୃଷ୍ଣ ଦାସ



ବାରିପଦା,୦୮/୦୭ (ନି.ପ୍ର): ରାସଗୋବିନ୍ଦପୁର ବ୍ଲକ ଅଂଚଳରେ ଦୀର୍ଘ ଦିନ ହେବ ଜଙ୍ଗଲୀ ଶିମିଳିପାଳ ହାତୀଙ୍କ ଆତଙ୍କ ଖେଳିଚାଲିଛି । କେତେବେଳେ ଚାଷ ଜମି ନଷ୍ଟ କରୁଛି ତ କେତେବେଳେ ଜନଜୀବନ ପ୍ରତି ବିପଦ ଆଣୁଛି । ତେବେ ମଙ୍ଗଳବାର ରାତିରେ ହାତୀ ରାସଗୋବିନ୍ଦପୁର ବ୍ଲକ ଦେବଶୋଳ ପଂଚାୟତର ଶଂସା ଗ୍ରାମର କୁଆର କିସ୍କୁଙ୍କ ମାଟି ଘରକୁ ଭାଙ୍ଗି ଦେବା ପରେ ସେ ବାସହରା ହୋଇ ପଡିଥିଲେ । ଏହି ଖବର ପାଇ ବିଜେଡି ରାଜ୍ୟ ସଂପାଦକ ଆଦିବାସୀ ସଶକ୍ତିକରଣ ଓ ସଂଖ୍ୟାଲଘୁ ବ୍ୟାପାର ଦାୟିତ୍ୱରେ ଥିବା କୃଷ୍ଣ ଚନ୍ଦ୍ର ଦାସ ପହଂଚି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛନ୍ତି । ଯାହାକୁ ନେଇ ଅଞ୍ଚଳବାସୀ ସହିତ ଘର ଲୋକଙ୍କ ମଧ୍ୟରେ ଖୁସି ଦେଖା ଯାଇଥିବା ଜଣାପଡିଛି ।

# ଛିଡ଼ା ହୋଇଥିବା ବାଇକକୁ ପଛରୁ ପିଟିଲା ଟ୍ରାଫିକ ଥାନା ଭ୍ୟାନ : ଷ୍ଟେସନ ଛକ ଟ୍ରାଫିକ ପଏଣ୍ଟରେ ଉତ୍ତେଜନା



ବାଲେଶ୍ୱର,୦୮/୦୭ (ନି.ପ୍ର): ସହରର ଷ୍ଟେସନ ଛକଠାରେ ବାଇକରେ ଯାଉଥିବା ଯୁବକଙ୍କୁ ପଛରୁ ଏକ ଟ୍ରାଫିକ ଥାନା ଭ୍ୟାନ କୁଟିଦେବା ଯୋଗୁଁ ସେଠାରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଲକ୍ଷ୍ୟ କରାଯାଇଥିଲା । ଘଟଣାରୁ ପ୍ରକାଶ ଯେ ଅପରାହ୍ନ ପ୍ରାୟ ୨ଟା ବେଳେ ଫକୀର ମୋହନ ଗୋଲେଇରୁ ଜଣେ ଯୁବକ ଏକ ବାଇକରେ ଆଇଟିଆଇ ଛକ ଅଭିମୁଖେ ଯାଉଥଲେ । ଯୁବକ ଜଣକ ଷ୍ଟେସନଛକ ଟ୍ରାଫିକ ପଏଣ୍ଟ ଅତିକ୍ରମ କରୁଥିବା ବେଳେ ସିଗନାଲରେ ହଳଦିଆ ଆଲୋକ ଜଳି ଉଠିଥିଲା । ଫଳରେ ସେ ଆଗକୁ ନ ଯାଇ ହଠାତ ବାଇକକୁ ବ୍ରେକ କରି ଅଟକି ଯାଇଥିଲେ । ମାତ୍ର ପଛରୁ ଆସୁଥିବା ଟ୍ରାଫିକ ଥାନା ଭ୍ୟାନଟି ବ୍ରେକ କରୁ କରୁ ବାଇକକୁ ହାଲକା ଭାବେ କୁଟି ଦେଇଥିଲେ । ଫଳରେ ଛିଡ଼ା ହୋଇଥିବା ବାଇକଟି ଗଡ଼ି ପଡ଼ିଥିବା ବେଳେ ଆରୋହୀ ଜଣକ ତଳେ ପଡ଼ି ଯାଇଥିଲେ । ଏହାକୁ ନେଇ ସେଠାରେ ଉପସ୍ଥିତ ଲୋକେ ରୁଣ୍ଡ ହୋଇ ହା-ହୋଲା କରିଥିଲେ । ଖବର ପାଇ ସହଦେବଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ ।

# ଶ୍ରେଣୀ ଗୃହ ଭାଙ୍ଗିବାକୁ କେନ୍ଦ୍ରକରି ବୋଲଂ ହାଇସ୍କୁଲରେ ଉତ୍ତେଜନା

## ପ୍ରଧାନ ଶିକ୍ଷକ ଏବଂ ସିଆରସିସିଙ୍କ ସହ ଧସ୍ତାଧସ୍ତି

ବାଲିଆପାଳ,୦୮/୦୭ (ନି.ପ୍ର): ଶ୍ରେଣୀ ଗୃହ ଭାଙ୍ଗିବାକୁ କେନ୍ଦ୍ରକରି ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତ ଇଶ୍ୱରଚନ୍ଦ୍ର ନୋଡାଲ ହାଇସ୍କୁଲ ପରିସରରେ ଆଜି ଦିନସାରା ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି ଗ୍ରାମବାସୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ପାତ୍ର ଏବଂ ସିଆରସିସି ନିରଞ୍ଜନ ମୋହାନ୍ତିଙ୍କୁ ଟଣା ଘୋଷରା କରିବାକୁ ମଧ ପଛାଇନଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବୋଲଂ ହାଇସ୍କୁଲ ପରିସରରେ ଚାରୋଟି ପୁରାତନ ଏଜେବେଷ୍ଟସ ଘର ରହିଥିଲା । ଗତବର୍ଷ କୋଭିଡ ସମୟରେ ପଞ୍ଚାୟତ ପକ୍ଷରୁ ୩.୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି ଗୃହ ଗୁଡିକ ମରାମତି ହୋଇଥିଲା । ଏ ଗୁଡିକ ସମ୍ପୂର୍ଣ୍ଣ ନିରାପଦ ଏବଂ ସୁରକ୍ଷିତ ଥିବା ବେଳେ ସ୍କୁଲ କତୃପକ୍ଷ ହଟାତ ସେଗୁଡିକ ଭାଙ୍ଗି ସେହିସ୍ଥାନରେ ମୋ ସ୍କୁଲ ଅଭିଯାନ ଅର୍ଥରେ ପକ୍କାଗୃହ ନିର୍ମାଣକାର୍ଯ୍ୟ ଆରମ୍ଭ କରିଛନ୍ତି । ତେବେ ଏହି ଗୃହ ଗୁଡିକରେ ଲାଗିଥିବା ପାଖାପାଖି ୪୦୦ ଖଣ୍ଡ ଏଜବେଷ୍ଟ ଏବଂ କାଠକୁ ସ୍କୁଲର ପ୍ରଧାନ ଶିକ୍ଷକ, ସିଆରସିସି ଏବଂ ସ୍ଥାନୀ ୟ ସରପଞ୍ଚ ପ୍ରମୁଖ ନେଇଯାଇଛନ୍ତି । ସେହିପରି ସ୍କୁଲ ପରିସରରେ ଥିବା ଲକ୍ଷାଧିକ ଟଙ୍କାର ବହୁ ମୂଲ୍ୟବାନ ଗଛସବୁ କାଟି ବିକ୍ରି କରିଦେଇଛନ୍ତି । ସ୍କୁଲରେ ସ୍ଥାୟୀ ପରିଚାଳନା କମିଟି ନଥିବାରି ସିଆରସିସି ପରିଚାଳନା କମିଟିର ସଭାପତି ଭାବେ କାର୍ଯ୍ୟକରୁଛନ୍ତି । ସିଆରସିସି ଶ୍ରୀ ମହାନ୍ତି ନିଜ ଚିଙ୍ଗୁଡି ପ୍ଲାଣ୍ଟକୁ କିଛି ଏଜେବେଷ୍ଟସ ନେଇଥିବା ବେଳେ ଏହା ଗ୍ରାମବାସୀଙ୍କ ନଜରରେ ପଡିଥିଲା । ଏ ବିଷୟରେ ଗ୍ରାମବାସୀ ପ୍ରଧାନସିକ୍ଷକଙ୍କୁ ପଚାରିବାରୁ ସ୍କୁଲ ପକ୍ଷରୁ ଏଜବେଷ୍ଟସ ଗୁଡିକ ବିକ୍ରି ହୋଇଥିବା କହିଥିଲେ ମଧଯୟ ବିକ୍ରି ପାଇଁ ହୋଇଥିବା ରିଜ୍ୟୁଲେସନ କିମ୍ୱା କେତେ ଟଙ୍କାରେ ବିକ୍ରି ହୋଇଛି ତାହା ସଠିକ ଉତ୍ତର ଦେଇପାରିନଥିଲେ । ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା ଶେଷରେ ଗ୍ରାମବାସୀ ବିନା ରିଜ୍ୟୁଲେସନରେ ଏହିସବୁ ସାମଗ୍ରୀ ବିକ୍ରିହୋଇଥିବା ଲେଖିଦେବାକୁ ଅଡିବସିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ପ୬ଧାନ ସିକ୍ଷକ,ସିଆରସିସି ଏବଂ ଅନ୍ୟ ଶିକ୍ଷକ ମାନଙ୍କୁ ସ୍କୁଲ ଭିତରେ ଅଟକ ରଖିଥିଲେ । ସନ୍ଧ୍ୟାରେ ଗ୍ରାମବାସୀଙ୍କ ଦାବି ଅନୁସାରେ ସମସ୍ତ ବିଷୟ ଲେଖିଦେବା ପରେ ସେମାନଙ୍କୁ ଗ୍ରାମବାସୀ ଛାଡିଥିବା ଜଣାଯାଇଛି । ଏ ବିଷୟରେ ଗ୍ରାମବାସୀ ଶିକ୍ଷାବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି । ଏ ସମ୍ପର୍କରେ ବିଆରସିସି ଦୁଃଖିଶ୍ୟାମ ଦାସ ଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କେହି ତାଙ୍କୁ ଜଣାଇ ନଥିବା କହିଛନ୍ତି ।

## ସଂସ୍କୃତି ସଚିବଙ୍କ ରାଜ୍ୟ ପାଠାଗାର ପରିଦର୍ଶନ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନବ ନିଯୁକ୍ତ କମିଶନର ତଥା ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଗତକାଲି କାର୍ଯ୍ୟରେ ଯୋଗଦାନ ପରେ ଗୁରୁବାର ପୂର୍ବାହ୍ନରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ରାଜ୍ୟ ପାଠାଗାର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସହିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ପହଂଚି ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ପାଠାଗାରର ବିଭିନ୍ନ ଶାଖା ପରିଦର୍ଶନ କରିବା ସଙ୍ଗେସଙ୍ଗେ ରାଜ୍ୟ ପାଠାଗାରର ପାଠକମାନଙ୍କ ନିମନ୍ତେ ଅତ୍ୟାଧୁନିକ ଗବେଷଣା ଭିତିଭୂମି ଉନ୍ନୟନ ସହିତ ବୈଷୟିକ ଜ୍ଞାନ କୌଶଳ ପ୍ରବର୍ତନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହାପରେ ପାଠାଗାର ପୁଷ୍ପ ଉଦ୍ୟାନ ପରିଦର୍ଶନ ସହିତ ଆଲୋକୀକରଣ ବ୍ୟବସ୍ଥା ପ୍ରବର୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ପାଠାଗାର ଅନୁସଚିବ ତଥା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା, ସହକାରୀ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଙ୍ଘମିତ୍ରା ସାହୁ ପାଠାଗାର ଆଭିମୁଖ୍ୟ ସମ୍ପର୍କରେ ଶାସନ ସଚିବଙ୍କୁ ଅବଗତ କରିବା ସହ ଏହାର ଉନ୍ନତିକରଣ ନିମନ୍ତେ ସଦୟ ଦୃଷ୍ଟି ଆକର୍ଷଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo